

ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ଶିରିଡି ସାଇବାବା



## ସଂକ୍ଷେପରେ

### ପୋଲିସ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା ଏସ୍‌ପିଙ୍କୁ ଭେଟିଲେ ଅଭିଯୁକ୍ତଙ୍କ ସ୍ତ୍ରୀ

**କୋରେଇ,୪।୨(ସ୍ୱ.ପ୍ର.):** ଜଣେ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ପରିସରରେ ମାଡ଼ ଘଟଣାରେ ଅଭିଯୁକ୍ତଙ୍କ ସ୍ତ୍ରୀ ଭାରତୀ ଦୋରା ସୋମବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟିଛନ୍ତି। ଅଭିଯୁକ୍ତ ହେଲେ ଥାନୁଆଳ ରଘୁନାଥପୁର ଗ୍ରାମର ଦୁଃଖୀଶ୍ୟାମ ଦୋରା। ପ୍ରକାଶ ଯେ, ଗତ ୩୧ ତାରିଖରେ ଧର୍ମଶାଳା ପୋଲିସ ପକ୍ଷରୁ ଏକ ମାମଲାରେ ଦୁଃଖୀଶ୍ୟାମ ଚଣ୍ଡିଖୋଲ କୋର୍ଟ ଚାଲାଣ ହୋଇଥିଲେ। ହେଲେ କୋର୍ଟ ପରିସରରେ ପହଞ୍ଚିବା ମାତ୍ରେ ପୋଲିସ ଉପସ୍ଥିତିରେ ୨ ଜଣ ଲୋକ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ତାଙ୍କ ସ୍ତ୍ରୀ ଭାରତୀ ପ୍ରତିବାଦ କରିବାରୁ ତାଙ୍କୁ ମଧ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ତଣ୍ଟି ଚିପିବାକୁ ଉଦ୍ୟମ କଲାବେଳେ ପୋଲିସ ଛଡାଇଥିଲା। ଏ ନେଇ ଭାରତୀ ବଡଚଣା ଥାନାରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଘଟଣାରେ ତୁରନ୍ତ ପଦକ୍ଷେପ ପଦକ୍ଷେପ ନେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଭାରତୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ବେହେରା କହିଛନ୍ତି ଭାରତୀଙ୍କଠାରୁ ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରଖିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଜେନାପୁର, ୪।୨(ଡି.ଏନ୍.ଏ.):** ଜେନାପୁର ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ରବିବାର ବିଳମ୍ବିତ ରାତିରେ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ କମାଗଡ଼ ଗ୍ରାମର ସନିଆ ରାଉତ। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ଥାନା ଅଧିକାରୀ ଶୁସାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଡିସେମ୍ବର ୨ରେ ଉକ୍ତ ଦଳିତ ନାବାଳିକାଙ୍କୁ ଶନିଆ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୭୮/୧୮) ରୁଜୁ କରି ତଦନ୍ତ ଚାଇଥିଲା। ରବିବାର ତାମିଲନାଡୁରୁ ଶନିଆ ଟ୍ରେନ୍‌ଯୋଗେ ଫେରୁଥିବା ପୋଲିସ ଖବର ପାଇଥିଲା। ଯାଜପୁର ରୋଡ୍ ରେଳ ଷ୍ଟେଶନରେ ପୋଲିସ ଶନିଆଙ୍କୁ ଗିରଫ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା।

### ବରଦା କ୍ରିକେଟ କପ୍ ଉଦ୍‌ଯାପିତ: ଚଣ୍ଡିଖୋଲ ଚାମ୍ପିୟନ

**ବାଲିଚନ୍ଦ୍ରପୁର,୪।୨(ସ୍ୱ.ପ୍ର):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ପଞ୍ଚାୟତସ୍ଥିତ ବେଲବଣ ପଡ଼ିଆଠାରେ ସାର୍ଥକ ଆନୁକୂଲ୍ୟରେ ଉନ୍ମେଷ ସାମଲଙ୍କ ସ୍ମୃତିରେ ୩୧ତମ ବରଦା କ୍ରିକେଟ୍ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫ୍ରେଣ୍ଡସ୍ କ୍ଲବ ଚଣ୍ଡିଖୋଲ ଓ ବି.ଆର.ସି.ସି କ୍ରିକେଟ କ୍ଲବ ରାଜକନିକା ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଜକନିକା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡସ୍ କ୍ଲବ ଚଣ୍ଡିଖୋଲ ୨୫୫ ରନ୍ କରି ବିଜୟୀ ହୋଇଥିଲା। ଉକ୍ତ ଫାଇନାଲ ମ୍ୟାଚରେ ପ୍ରଦୀପ ରାଉତ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ପ୍ରକାଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଦା ସରପଞ୍ଚ ନରୁପମା ସ୍ୱାଇଁ ମୁଖ୍ୟ ଅତିଥି, ସମିତି ସଭ୍ୟା ତପସ୍ୱିନୀ ବାରିକ ଓ ଶିକ୍ଷାବିତ୍ କମଳାକାନ୍ତ ସାମଲ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ପାରାମାଉଁ

**ଚଣ୍ଡିଖୋଲ,୪।୨(ଡି.ଏନ.ଏ.):** ବଡଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ଖେଳପଡିଆଠାରେ ଚଣ୍ଡିଖୋଲ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୮ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ସ୍ପୋର୍ଟ୍ସ କ୍ଲବ ଓ ପାରାମାଉଁ ସ୍ପୋର୍ଟ୍ସ କ୍ଲବ ଭୁବନେଶ୍ୱର ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୧୪୬ରନ ସଂଗ୍ରହ କରିଥିଲା। ଜବାବରେ ପାରାମାଉଁ ୨୪ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସଂଗ୍ରାମ ମହାନ୍ତି ଓ ବସନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ। ରାମେଶ୍ୱର ସ୍ପୋର୍ଟ କ୍ଲବର ମିଳନ ପରିଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।

■ ଅସମ୍ପୂର୍ଣ୍ଣ କୋଠା ବିଭାଗକୁ ହସ୍ତାନ୍ତର

# ଭୂତକୋଠି ପାଲଟିଛି ଛାତ୍ରୀ ନିବାସ

**ରସୁଲପୁର,୪।୨(ଡିଏନଏ)**

ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକଙ୍କ ପାଇଁ ରାଜ୍ୟ ସରକାର ବହୁ ଯୋଜନା କରୁଛନ୍ତି। ଶିକ୍ଷାଧିକାର ଆଇନ ଜରିଆରେ ସମସ୍ତଙ୍କୁ ପ୍ରାଥମିକ ଶିକ୍ଷା (୧ରୁ ୮ମ) ପ୍ରଦାନ କରିବା ପାଇଁ ଆଇନ ପ୍ରଣୟନ ହୋଇଛି। ଶିକ୍ଷାଧିକାର ଆଇନରୁ ବଞ୍ଚିତ ହେଉଥିବା ଏବଂ ବିଦ୍ୟାଳୟକୁ ଆସୁ ନ ଥିବା ଜନଜାତି ପିଲାଙ୍କ ଶିକ୍ଷା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ଏହି ବର୍ଗର ପିଲାଙ୍କୁ ଶିକ୍ଷିତ କରିବା ପାଇଁ ସରକାରୀସ୍ତରରେ ଉଦ୍ୟମ କରାଯାଉଛି। ସେହି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ରସୁଲପୁର ବ୍ଲକର ସୁଆଁସାହିରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ ଜନଜାତି ଛାତ୍ରୀ ନିବାସ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇସାରିଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ପଞ୍ଚାୟତକୁ ଅର୍ଥ ପ୍ରଦାନ ବେଳେ ଏହି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସମଗ୍ର ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ ମଧ୍ୟରେ ସୁଆଁସାହିଠାରେ ଜନଜାତି ସମ୍ପ୍ରଦାୟର ପିଲାଙ୍କ ପାଇଁ ନିର୍ମିତ ଛାତ୍ରୀ ନିବାସ ସ୍ଥାନ ପାଇଥିଲା। ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି ବୋଲି କୁହାଯାଉଛି। ହେଲେ ସବୁକିଛି କାଗଜ କଲମ ଓ ପ୍ରଚାରପ୍ରସାରରେ ସୀମିତ ରହିଛି। ବାସ୍ତବ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ନିର୍ମାଣ କାର୍ଯ୍ୟ ସରିବା ପରେ ଛାତ୍ରୀ ନିବାସକୁ ବ୍ୟବହାର କରାଯାଉ ନ ଥିବାରୁ ତାହା ଏବେ ଭୂତକୋଠିରେ ପରିଣତ ହୋଇଛି । ଘର ଚାରିପଟେ ଅନାବନା ଗଛ ଭର୍ତ୍ତି ହୋଇ ସରୀସୃପଙ୍କର ଆଶ୍ରୟସ୍ଥଳ ପାଲଟିଛି। ଏଠାରେ ନିର୍ମିତ ହଷ୍ଟେଲ କେବେ କାର୍ଯ୍ୟକ୍ଷମ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବ୍ଲକର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଆଶ୍ରମ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ଅଧୀନରେ ଏକ ଛାତ୍ରୀ ନିବାସ ଖୋଲାଯାଇଛି। ଏଥିପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ୩୫ଲକ୍ଷ ଓ ୨୦୧୩-୧୪ ବର୍ଷରେ ୧୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଛାତ୍ରୀ ନିବାସ ନିର୍ମାଣ କରାଯାଇଛି। ଏହି ନିବାସଟି ୧୦୦ ଶଯ୍ୟା ବିଶିଷ୍ଟ ରହିଛି। ଉକ୍ତ କୋଠାକୁ ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ଲକ ଅନୁସୂଚିତ ଜନଜାତି ବିଭାଗକୁ ହସ୍ତାନ୍ତର କରାଯାଇଛି। ହେଲେ କୋଠା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଛାତ୍ରୀ ନିବାସକୁ ପାଣି ସଂଯୋଗ ପାଇଁ ଟାଙ୍କିର ବ୍ୟବସ୍ଥା କରାଯାଇ ନାହିଁ। ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ଏଥିସକାଶେ ୨୦୧୭-୧୮ ଆର୍ଥିକ ବର୍ଷରେ ଟାଙ୍କି ସ୍ଥାପନ ପାଇଁ ୪୦ହଜାର ଟଙ୍କାର ଅନୁଦାନ ଆସିଛି। ଏବେ ସୁଦ୍ଧା ଟାଙ୍କି ଲଗାଯାଇ ପାରିନାହିଁ।

**ଅନୁସୂଚିତ ଜନଜାତି ଛାତ୍ରୀ ନିବାସ**



- ■ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ ମଧ୍ୟରେ ସ୍ଥାନ ପାଇଥିଲା ଏହି ଛାତ୍ରୀ ନିବାସ
- ■୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଇଛି ନିର୍ମାଣ
- ■କାର୍ଯ୍ୟକ୍ଷମ ହେବା ନେଇ ପ୍ରଶ୍ନବାଚୀ

ତେଣେ କୋଠା ହସ୍ତାନ୍ତର ପରେ ବିଭାଗ ପକ୍ଷରୁ ୧୦୦ଟି ଖଟିଆ କ୍ରୟ ହୋଇଛି। ଅନ୍ୟାନ୍ୟ ଆସବାସପତ୍ର ବି କିଣାଯାଇଛି। ମେସ୍ ସାମଗ୍ରୀ ବି କିଣା ଯାଇଛି। ସେଗୁଡିକୁ ଉକ୍ତ କୋଠା ଭିତରେ ବନ୍ଦ କରାଯାଇ ରଖାଯାଇଛି । ଏହାଛଡା ହଷ୍ଟେଲ ପାଇଁ ୪ଜଣ ଶିକ୍ଷା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ୨ବର୍ଷ ତଳୁ ନିଯୁକ୍ତ କର୍ମଚାରୀ ବିନା କାର୍ଯ୍ୟରେ ଦରମା ନେଉଛନ୍ତି ବୋଲି କୁହାଯାଉଛି। ଛାତ୍ରୀଙ୍କୁ ଆଡମିଶନ କରାଯିବା ପରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଆଶ୍ରମ ବିଦ୍ୟାଳୟକୁ ପରିଚାଳନା ଦାୟିତ୍ୱରେ ଥିବା କମିଟି ପକ୍ଷରୁ ତଳିଆ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ସବୁ କିଛି ପିଲାଙ୍କ ଆଡମିଶନ ଉପରେ ନିର୍ଭର କରୁଛି। ଚଳିତ ଶିକ୍ଷାବର୍ଷରୁ ପିଲାଙ୍କ ଆଡମିଶନ ପ୍ରକ୍ରିୟା ପାଇଁ ପ୍ରୟାସ କରାଯାଉଛି। ଏ ଦିଗରେ ପ୍ରସ୍ତୁତି ଚାଲିଛି। ମାତ୍ର ପାଣି ଓ ବିଜୁଳି ସମସ୍ୟାରେ ସୁଧାର ଆସିବା ପରେ ହଷ୍ଟେଲ କାର୍ଯ୍ୟକ୍ଷମ ହେବ ବୋଲି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିବେକାନନ୍ଦ ସାମଲ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ଅର୍ଜୁନଙ୍କ ଦୁଇ ନାବାଳିକା ଝିଅଙ୍କୁ ଥଇଥାନ କଲା ଜିଲା ପ୍ରଶାସନ

**ସୁକିନ୍ଦା, ୪।୨(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ବତଲଣ୍ଡା(ପୋବଳ) ଗ୍ରାମର ଦାଦନ ଶ୍ରମିକ ଅର୍ଜୁନ ସାମାନଙ୍କର ଦୁଇଝିଅଙ୍କୁ ସୋମାବର ଜିଲା ପ୍ରଶାସନ ପକ୍ଷରୁ ସହାୟତା କରାଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କାଳିପ୍ରସାଦ ସାହୁ, ଶିଶିର କୁମାର ମଲ୍ଲିକ ବିଡିଓଙ୍କ ସହ ଆଲୋଚନାକରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନନ୍ତପୁର ଗ୍ରାମରେ ପହଞ୍ଚି ଅର୍ଜୁନଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ପରେ ଦୁଇ ନାବାଳିକା ଝିଅଙ୍କୁ ରମ୍ପାସରେ ଥିବା ଅନ୍ନପୂର୍ଣ୍ଣା ଶିଶୁ ଗୃହରେ ଥଇଥାନ କରାଯାଇଥିବା ଜଣାପଡିଛି। ଅପରପକ୍ଷେ ତାମିଲନାଡୁରେ ଦାଦନ ଖଟୁଥିବା ଅର୍ଜୁନଙ୍କୁ ଠିକାଦାର କାଳିଆ ଛାଡିଦେବା ନେଇ ପ୍ରତିଶ୍ରୁତି ଦେଇଥିବା ବଡ଼ିଓ ମଣି ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୁକିନ୍ଦା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଅର୍ଜୁନଙ୍କ ପରିବାରକୁ ଭେଟି ସହଯୋଗର ହାତ ବଢାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ପୁରୀ ଅଞ୍ଚଳର କାଳିଆ ନାମକ ଠିକାଦାର ଦୁଇ ହଜାର ଟଙ୍କାରେ ଅର୍ଜୁନଙ୍କୁ ଦାଦନ ଖଟିବା ପାଇଁ ତାମିଲନାଡୁ ପଠାଇଥିଲେ। ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଇଥିବା ସ୍ତ୍ରୀ ସରସ୍ୱତୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇବା ସହ ପରିବାର ସହାୟତା ପାଇଁ ଦାବି କରିଥିଲେ।

## ମା’ ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ମହାସମାରୋହରେ ପାଳିତ

**ବିରଜାକ୍ଷେତ୍ର,୪।୨(ଡି.ଏନ୍.ଏ)**



ମାଘମାସ ତ୍ରିବେଣୀ ଅମାବାସ୍ୟା ତିଥିରେ ବିଶ୍ୱବିଦିତ ଶକ୍ତିମୟୀ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସୋମବାର ପ୍ରାତଃରୁ ପାଳିଆ ସେବାୟତ ଅମୂଲ୍ୟ କୁମାର ପାଣି ମା’ଙ୍କୁ ସ୍ନାନ କରିବାପରେ ବେଶ କରି ବାଲ୍ୟଭୋଗ ଅର୍ପଣ କରିଥିଲେ। ସ୍ୱନକ୍ଷତ୍ର ଅବସରରେ ମା’ଙ୍କର ମହାସ୍ନାନ ହେବାକୁ ଥିବାରୁ ମୁଖ୍ୟ ପୂଜକ ସତ୍ୟନାରାୟଣ କର ପୁନଶ୍ଚ ମା’ଙ୍କୁ ମହାସ୍ନାନ କରିବା ପରେ ସାବିତ୍ରୀ ବେଶରେ ସଜ୍ଜିତ କରାଯାଇ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରାଯାଇଥିଲା। ପୂର୍ବାହ୍ନରେ ସ୍ୱନକ୍ଷତ୍ର ଉତ୍ସବରେ ବିଶେଷ ପୂଜା ରନ୍ଧ ଗର୍ଭଗୃହରେ ଷୋଡ଼ଶୋପଚାର ପୂଜା କରାଯାଇଥିଲା। ପୂଜା ପରେ ଯଜ୍ଞ ମଣ୍ଡପରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଯଜ୍ଞକାର୍ଯ୍ୟ ସରିବା ପରେ ସନ୍ଧ୍ୟାରେ ମା’ଙ୍କ ଆରତୀ ହୋଇ ରୀତିନୀତି ଅନୁଯାୟୀ ପୂଜା ହେବାପରେ ରାତ୍ର ୧୦ଟରେ ମା’ଙ୍କ ପହୁଡ଼ ହୋଇଥିଲା । ମା’ଙ୍କର ଏହି ବିଶେଷ ଷୋଡ଼ଶୋପଚାର ପୂଜା ଓ ଯଜ୍ଞକାର୍ଯ୍ୟକୁ ଧର୍ମାଧିକାରୀ ହିମାଂଶୁ ଶେଖର ପତିମିଶ୍ର, ପ୍ରସନ୍ନ କୁମାର ପତି, ପ୍ରଫୁଲ୍ଲ କୁମାର ପତି, ଜ୍ଞାନରଞ୍ଜନ ପତି, ସରୋଜ ପତି, ଚରୁ ରଞ୍ଜନ କୁମାର ପାଣି, ସମିଧ ଧନଞ୍ଜୟ ପାଣି ପ୍ରମୁଖ କାର୍ଯ୍ୟ ସମ୍ପାଦନା କରିଥିଲେ ।

ସ୍ୱନକ୍ଷତ୍ର ଉତ୍ସବ ନିମନ୍ତେ ମା’ଙ୍କ ସିଂହଦ୍ୱାରରୁ ଆରମ୍ଭ କରି ମନ୍ଦିରର ବିଭିନ୍ନ ଦ୍ୱାରକୁ ଫୁଲରେ ସଜ୍ଜିତ କରାଯାଇଥିଲା। ଜିଲା ତଥା ଓଡ଼ିଶା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ମା’ ବିରଜାଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ମନ୍ଦିର ପରିସରରେ ରହି ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷାକରି ସ୍ୱନକ୍ଷତ୍ର ଉତ୍ସବକୁ ସଫଳ କରାଇଥିଲେ। ସନ୍ଧ୍ୟାରେ ମା’ଙ୍କ ଦାଣ୍ଡ ଜନସୁବିଧା କେନ୍ଦ୍ର ନିକଟରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ତପୁ ମିଶ୍ର, ବାଦଲ କୁମାର, ଗୀତା ଦାସ, ସୁଧାକର ମିଶ୍ରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ବିଶେଷକରି ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ମା’ ବିରଜାଙ୍କ ଉପରେ ରଚିତ ଭଜନଗୁଡ଼ିକୁ କଣ୍ଠଶିଳ୍ପୀମାନେ ଗାନ କରିଥିଲେ। ଏହି ଭଜନ ପରିବେଷଣ କାର୍ଯ୍ୟକ୍ରମକୁ ଜିଲାପାଳ ରଞ୍ଜନ କୁମାର ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁରର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ବରିଷ୍ଠ ସାମାଜିକ କର୍ମୀ ସନ୍ତୋଷ ମଲ୍ଲିକ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ବିରଜା ସଂସ୍କୃତି ପ୍ରଚାରକ ସମିତି ପ୍ରଭାତ କୁମାର ରାଉତରାୟଙ୍କ ଦ୍ୱାରା ମା’ ବିରଜାଙ୍କ ଉପରେ ଏକ ବାଲୁକା କଳା ପ୍ରଦର୍ଶିତ କରାଯିବା ସହ ଭଜନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ବିରଜା ସେବା ସମିତି ପକ୍ଷରୁ ମନ୍ଦିର ପରିସର ମୁକ୍ତିମଣ୍ଡପରେ ଏହି ଉତ୍ସବ ପାଳନ କରିବା ସହ କୃତୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନଟବର ଦାସଙ୍କ ରଚିତ ବିରଜାମାଳା ପୁସ୍ତକ ଉନ୍ମୋଚିତ ହୋଇଥିଲା। ମୁକ୍ତିମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣି ପୂଜାକାର୍ଯ୍ୟ ସଫଳ କରାଇବା ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଯାଜପୁରର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିସର ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

## ‘କୃଷକଙ୍କ ଉନ୍ନତି ନ ହେଲେ ସମାଜର ଅଧୋଗତି ନିଶ୍ଚିତ’

**ଯାଜପୁର ଅଫିସ,୪।୨**

ସାରା ଓଡ଼ିଶାର ୨୭ଟି ଜିଲାରୁ ଆଜାଦୀ ଠେଙ୍ଗାବାହିନୀର ୪୧୦ ଜଣ ଯୋଦ୍ଧା ଭାଇଭଉଣୀଙ୍କ ପ୍ରଶିକ୍ଷଣ ଶିକ୍ଷା ଶିବିର ରବିବାର ଯାଜପୁରରୋଡଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ପହିଲାରେ ରାଜଧାନୀ ଭୁବନେଶ୍ୱରରେ ମହାଭାରତ ଆଜାଦୀ ଠେଙ୍ଗାବାହିନୀର ମହାସମ୍ମିଳନୀ ଅନୁଷ୍ଠିତ ହେବ। ଓଡିଶାରେ ପଞ୍ଜୀକୃତ ୧୫ ହଜାର, ୨୪ଟି ରାଜ୍ୟରେ ୨୨ ହଜାର, ୯ଟି ଦେଶରେ ୪ହଜାର ଏହିଭଳି ସମୁଦାୟ ୪୧ହଜାର ଆଜାଦୀ ଠେଙ୍ଗାବାହିନୀର ସୈନିକସୈନିକା ଅଛନ୍ତି। ଏହି ମହାସମ୍ମିଳନୀରେ ଆଜାଦୀ ଠେଙ୍ଗାବାହିନୀଙ୍କ ସହ ସାଧାରଣ ଲୋକ ବିଶ୍ୱ କ୍ଷୁଧାମୁକ୍ତ ନବମାନବ ସମାଜ ଗଠନରେ ଯୋଗ ଦେବେ। ସେହି ମାର୍ଚ୍ଚ ପହିଲାରେ ଆଜାଦୀ ଠେଙ୍ଗାବାହିନୀର ମେଜର ଜେନେରାଲ ଭାବେ ମାୟାଧର ନାୟକଙ୍କୁ ଅଭିଷେକ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମହାଭାରତର ମହାମିଳନ ମହାସମ୍ମିଳନୀକୁ ସଫଳ କରିବା ପାଇଁ ଓଡ଼ିଶାର ଆଜାଦୀ ଠେଙ୍ଗାବାହିନୀର ସୈନିକାସୈନିକ ସମସ୍ତ ଦାୟିତ୍ୱ ନେବା ପାଇଁ ଶପଥ ନେଇଛନ୍ତି। ଶିବିରରେ ମେଜର ଜେନେରାଲ ନାୟକ କହିଥିଲେ ଯେ, କ୍ଷୁଧାମୁକ୍ତ ନବମାନବ ସମାଜ ଗଠନ ଏହି ବାହିନୀର ମୂଳଲକ୍ଷ୍ୟ। ପୃଥିବୀବାସୀଙ୍କୁ କୃଷକମାନେ ଖାଦ୍ୟ, ବସ୍ତ୍ର ଦେଉଛନ୍ତି। କୃଷକଙ୍କୁ ନାୟକ ନ କଲେ ଏ ସମାଜର ଅଧୋଗତି ଅବଶ୍ୟମ୍ଭାବୀ ବୋଲି ସେ କହିଥିଲେ। ଭାରତୀୟ ଆଜାଦୀ ଠେଙ୍ଗାବାହିନୀର ଚିଫ୍ କମାଣ୍ଡର କୃଷକ ଲକ୍ଷ୍ମଣ ଦାସ ଏହି ଦୁଇ ଦିନିଆ ଶିବିରରେ ଅଧକ୍ଷତା କରି ଶିକ୍ଷାର୍ଥୀଙ୍କୁ ଠେଙ୍ଗାବାହିନୀର ଇତିହାସ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ମାୟାଧର ନାୟକଙ୍କ ନବମାନବ ଇସ୍ତାହାର ପୁସ୍ତିକାକୁ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଉନ୍ମୋଚନ କରିଥିଲେ।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର ଅଫିସ,୪।୨:** ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ସୋମବାର ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୨୪୩ଟି ଅଭିଯୋଗରୁ ୨୩୪ଟି ବ୍ୟକ୍ତିଗତ, ୫ଟି ସାମୁହିକ ଆବେଦନ ପତ୍ର ମିଳିଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଟି ଆବେଦନ ପତ୍ର ମିଳିଥିବା ବେଳେ ସେମାନଙ୍କୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ତତ୍‌କ୍ଷଣାତ୍ ୧୨୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଫେବୃୟାରୀ ୧୧ରେ ବଡଚଣା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୮ରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି, ୨୫ରେ ଯାଜପୁର ବ୍ଲକ ବେରୁଦା ଗ୍ରାମ ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ପ୍ରକାଶ। ଶିବିରରେ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଏସଡିଏମଓ ଡା. ରୁଦ୍ର ପ୍ରତାପ କର, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଚୋରି ଉଦ୍ୟମ ବେଳେ ଗିରଫ

**ବିଞ୍ଝାରପୁର , ୪।୨(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ କରପଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଉଦ୍ୟମ କରୁଥିବା ବେଳେ ଭଦ୍ରକ ଜିଲା ଧାନମଗର ଅଞ୍ଚଳର ସୁଦର୍ଶନ ଦାସଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି । ପୋଲିସ ଏହି ଘଟଣାରେ ସୁଦର୍ଶନଙ୍କୁ ଗିରଫ କରିବା ସହ ବିଞ୍ଝାରପୁର ଥାନାରେ ଏକ ମାମଲା (ନଂ ୨୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ଏହି ବ୍ୟକ୍ତି ଜଣଙ୍କ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି । ତାକୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡିଛି।

■ ୪ର୍ଥ ଦିନରେ ଜଗନ୍ନାଥ ଚେତନା ମହାଧିବେଶନ

## ସକାଳ ଧୂପବେଶରେ ଚତୁର୍ଦ୍ଧା ମୂର୍ତ୍ତି

**ବିରଜାକ୍ଷେତ୍ର,୪।୨(ଡି.ଏନ୍.ଏ)**

ଚଳିତମାସ ୧ ତାରିଖରୁ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ୩୨ତମ ଜଗନ୍ନାଥ ଚେତନା ମହାଧିବେଶନ ଆରମ୍ଭ ହୋଇଛି। ସୋମବାର ଦିନ ମହାଧିବେଶନ ଚତୁର୍ଥ ଦିନରେ ପହଞ୍ଚିଛି। ବାଳାଶ୍ରମ ପଡ଼ିଆଠାରେ ହୋଇଥିବା ଅସ୍ଥାୟୀ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସକାଳ ଧୂପବେଶରେ ସଜ୍ଜିତ କରାଯାଇଥିଲା। ସପ୍ତାହର ୭ଦିନରେ ସାତରଙ୍ଗର ବେଶ ସହ ସାତରଙ୍ଗର ଧୋତି ପରିଧାନ କରିଥାନ୍ତି। ସୋମବାର ଦିନ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଧଳା ଛିଟ ଧୋତିରେ ସକାଳ ଧୂପବେଶରେ ସଜ୍ଜିତ କରାଯାଇଥିଲା । ସୋମବାର ସକାଳୁ ଜଗନ୍ନାଥଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ସକାଳ ୭ଟାରେ ପହୁଡ଼ ଖୋଲିଥିଲା। ଦିନ ଓ ସନ୍ଧ୍ୟାରେ ଜଗନ୍ନାଥଙ୍କ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ସରିବାପରେ ପହୁଡ଼ ହୋଇଥିଲା। ଜଗନ୍ନାଥଙ୍କ ସକାଳ ଧୂପବେଶ ଓ ମହାବିଷ୍ଣୁ ମହାଯଜ୍ଞ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା ।



ଚତୁର୍ଦ୍ଧା ମୂର୍ତ୍ତିଙ୍କ ସକାଳ ଧୂପବେଶ।

■ ୫ମ ଦିନରେ ଓଳାଶୁଣୀ ଗୁମ୍ଫା ମେଳା

## ମିଳନ ସ୍ଥଳ ପାଲଟିଲା ମେଳା ପଡ଼ିଆ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୪।୨ (ଡି.ଏନ.ଏ./ସ୍ୱ.ପ୍ର.)**

ଓଳାଶୁଣୀ ଗୁମ୍ଫା ମେଳା ସୋମବାର ୫ମ ଦିନରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଲୋକ ଆସିଥିଲା ବେଳେ ପାହାଡ଼ର ଉଭୟ ପାର୍ଶ୍ୱ ସହ ମେଳାପଡ଼ିଆ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଥିଲା। ତେବେ ଅନ୍ୟାନ୍ୟ ମେଳା ଅପେକ୍ଷା ଏହି ମେଳାରେ ଏକ ଭିନ୍ନତା ଦେଖାଦେଇଥାଏ। ବିଭିନ୍ନ ଧର୍ମର ଲୋକେ ମେଳା ପରିସରକୁ ଆସନ୍ତି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଜାତି ଧର୍ମଠାରୁ ଊର୍ଦ୍ଧ୍ୱରେ ଥିଲେ। ହିନ୍ଦୁ, ମୁସଲିମ୍ ଓ ଖ୍ରୀଷ୍ଟିଆନ୍ ସମସ୍ତେ ମହାପୁରୁଷଙ୍କ ସମାଧି ମନ୍ଦିରକୁ ଯାଇଥାନ୍ତି। ଅବ୍ୟର୍ଥ ଔଷଧ ଭାବେ ପରିଗଣିତ କାଞ୍ଜି ପାଣି ପାଇବା ପାଇଁ ସମସ୍ତଙ୍କ ମନରେ ଆବେଗ ଥାଏ। ସମସ୍ତେ ମିଳିମିଶି ମହାପ୍ରସାଦ ସେବନ କରିବା ସହ ପୋଡ଼ପିଠା ଖାଇଥାନ୍ତି ଓ ଦୂପ ଦୀପ ମଧ ଲାଗିକରିଥାନ୍ତି। ସୋମବାର ପାହାଡ଼ ପାଦଦେଶରେ ଥିବା ମେଳା ପଡ଼ିଆରେ ବହୁ ସଂଖ୍ୟାରେ ମୁସଲିମ୍ ଧର୍ମାବଲମ୍ବୀ ମହିଳାଙ୍କୁ ଦେଖିବାକୁ ମିଳିଥିଲା। ଚଳିତବର୍ଷ ଓଳାଶୁଣୀ ପାହାଡ଼ର ପାଦଦେଶରେ ଥିବା ମେଳା ପଡ଼ିଆରେ ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଦୋଳି ପଡ଼ିଥିବା ଦେଖିବାକୁ ମିଳିଛି। ଏଥିସହ ନୂଆକରି ମେଳା ପଡ଼ିଆରେ କୃତ୍ରିମ ପୋଖରୀ ତିଆରି କରାଯାଇଥିଲା। ସେଥିରେ ପିଲାମାନେ ବୋଟିଂର ମଜା ଉଠାଉଥିବା ଦୃଶ୍ୟ ବେଶ ମନୋରମ।



ମେଳା ପଡ଼ିଆରେ ଯାତ୍ରୀଙ୍କ ଭିଡ଼।

**ଆମିଷ ଭୋଗରେ ତୁଳସୀ ଲାଗି**

ପାହାଡ଼ର ଶୀର୍ଷଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ଆମିଷ ଭୋଗ କରିବାକୁ ଚାହୁଁଥିବା ମାନସିକଧାରୀ ଭକ୍ତ ଆମିଷ ଭୋଗ ଆଣିଥାନ୍ତି। ଏପରିକି ପୋଡ଼ ପିଠାରେ ଶୁଖୁଆ ପକାଇ ଶୁଖୁଆ ପୋଡ଼ପିଠା ଭୋଗ ଲାଗି କରାଯାଏ। ଏହା ପୂଜା ହେବା ସମୟରେ ଏଥିରେ ତୁଳସୀ ପତ୍ର ପଡ଼ିଥାଏ। କାରଣ ସନ୍ଥ ଅରକ୍ଷିତଙ୍କର ଖାଦ୍ୟପେୟରେ କୌଣସି ବାରଣ ନ ଥିଲା। ସେଥିପାଇଁ ତାଙ୍କ ପାଖରେ ଆମିଷ ଭୋଗ ଲାଗି ହେବା ସହ ସେଥିରେ ତୁଳସୀ ପତ୍ର ପଡ଼ିଥାଏ।

## ସଂକ୍ଷେପରେ

### ବିଧାନସଭା ଘେରାଉ ପାଇଁ ପାଚିକା ସଂଘର ପ୍ରସ୍ତୁତି

ବରୀ,୪।୨,(ସ୍ୱ.ପ୍ର.): ନିଖିଳ ଓଡ଼ିଶା ଏମ୍‌ଡିଏମ ପାଚିକା ସହାୟିକା ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ପି. ରେଣୁକା ଡୋରାଙ୍କ ଆହ୍ୱାନକ୍ରମେ ୬ ତାରଖରେ ଭୁବନେଶ୍ୱରସ୍ଥିତ ବିଧାନସଭା ଘେରାଉ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ସ୍ଥାନୀୟ କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ପାଚିକା ସହାୟିକା ସଂଘ ସଭାନେତ୍ରୀ ସୁମିତ୍ରା ରଥ ସଭାପତିତ୍ୱ କରିଥିଲେ। ବହୁ ସଂଖ୍ୟାରେ କର୍ମୀ ଘେରାଉରେ ସାମିଲ ହେବେ ବୋଲି ସ୍ଥିର କରାଯାଇଛି। ମଧାହ୍ନଭୋଜନ ପାଚିକା ଓ ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧି ଓ ମୌଳିକ ସମସ୍ୟାର ସମାଧାନ ପାଇଁ ୧୩ ଦଫା ଦାବି ନେଇ ସଂଘ ପକ୍ଷରୁ ଘେରାଉ କରିବ ବୋଲି କୁହାଯାଇଛି। ଯାଜପୁର ଜିଲା ପାଚିକା ସହାୟିକା ସଂଘ ସଭାପତି ରାଜକିଶୋର ସାମଲ, ବିଦ୍ୟୁତଲତା ପଣ୍ଡା, ନିରଞ୍ଜନ ପରମାଣିକ, ମାନସୀ ବାରିକ, ଅନିତା ଦାସ, କାଞ୍ଚନବାଳା ରାଉତ, ଗୌରଙ୍ଗ ତ୍ରିପାଠୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ପାଚିକା ସହାୟିକା ବୈଠକରେ ଉପସ୍ଥିତ ରହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ତଳଙ୍ଗୀ ଖଣିରେ ଦ୍ୱିପାକ୍ଷିକ ଆଲୋଚନା

# ଛଟେଇ ଶ୍ରମିକଙ୍କୁ ମିଳିବ ବକେୟା ଅର୍ଥରାଶି

କାଳିଆପାଣି, ୪।୨(ଡି.ଏନ୍.ଏ.)

ଖଣି ଅଞ୍ଚଳର ଇଡ଼କଲ ତଳଙ୍ଗୀ ଖଣିର ଛଟେଇ ଶ୍ରମିକଙ୍କୁ ଆଗାମୀ ୫ ତାରିଖରୁ ୨୦ ତାରିଖ ମଧ୍ୟରେ ବକେୟା ଅର୍ଥରାଶି ପ୍ରଦାନ କରାଯିବ। ଏ ନେଇ ସୋମବାର ଖଣି ନିଗମ ଅତିଥିଶାଳାରେ ଖଣି କର୍ତ୍ତୃପକ୍ଷ ଓ ଶ୍ରମିକ ସଂଘ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ନିଗମ ପକ୍ଷରୁ ଖଣିର ଏ ଓ ବି ବ୍ଲକ ଖୋଲିଲେ ପୂର୍ବରୁ କାର୍ଯ୍ୟକରୁଥିବା ଛଟେଇ କର୍ମଚାରୀଙ୍କୁ ଅଗ୍ରାଧିକାରଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ତିନି ମାସ ଧରି ଖଣି କାର୍ଯ୍ୟ ବନ୍ଦ ରହିଥିବାବେଳେ ଠିକା ସଂସ୍ଥା ନିକଟରେ କାର୍ଯ୍ୟକରୁଥିବା ଶ୍ରମିକଙ୍କର ବକେୟା ଅର୍ଥ ଅଦ୍ୟାବଧି ପ୍ରଦାନ କରାଯାଇ ନାହିଁ । ଏହାକୁ ନେଇ ଗତ ୧ ତାରିଖରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଏକ ୬ ଦଫା ଦାବିପତ୍ର ନିଗମର ନିର୍ଦ୍ଦେଶକଙ୍କ ସହ ଜିଲାପାଳ,ଏସ୍‌ପି, ବିଡ଼ିଓ, ତହସିଲଦାର, ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ମୁତାବକ ଛଟେଇ ଶ୍ରମିକଙ୍କର ଗ୍ରାଚୁଇଟି, ରିକ୍ରୁଟ୍‌ମେଣ୍ଟ ବେନିଫିଟ, ବୋନସ୍, ଛୁଟି ପଇସା ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରାପ୍ୟ ପ୍ରଦାନ କରିବା ସହ ନିୟମ ଅନୁଯାୟୀ ଟେଣ୍ଡର କରି ଖଣି ଖୋଲିବା, ପୂର୍ବରୁ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ବହିଷ୍କାର କରି ଏ ଓ ବି ବ୍ଲକରେ ଥିବା ଖଣି ଦ୍ରବ୍ୟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଆଦି ୫ଟି ଦାବି ସଂଘ ପକ୍ଷରୁ ନିଗମର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ଦାବିଗୁଡିକୁ ୧୫ ଦିନ ମଧ୍ୟରେ ପୂରଣ କରା ନ ଗଲେ ଶ୍ରମିକ ସଂଘ ପକ୍ଷରୁ ଇଡ଼କଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ଚେତାବନୀ ଦିଆଯାଇଥିଲା। ଏହାକୁ ଖଣି ନିଗମ ଅତିଥିଶାଳାରେ ଦ୍ୱିପାକ୍ଷିକ ଆଲୋଚନ କରାଯାଇଥିଲା । ବୈଠକରେ ଇଡ଼କଲ କର୍ତ୍ତୃପକ୍ଷରୁ ଜିଏମ ମାଇନ୍ସ ଆସୁତୋଷ କୁମାର ନାୟକ, ମ୍ୟାନେଜର ରଞ୍ଜନ କୁମାର ବେହେରା, ଡ଼େପୁଟି ମ୍ୟାନେଜର ବିଦ୍ୟାଧର ଆଇଚ ଓ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ବିଦ୍ୟାଧର ପାତ୍ର, ଭରତ ଚନ୍ଦ୍ର ମହାନ୍ତ, ଭଗବତୀ ମହାନ୍ତ, ପ୍ରଭାତ କୁମାର ପ୍ରଧାନ ତଳଙ୍ଗୀ ଶ୍ରମିକ ସଂଘ କମିଟି ମେମ୍ବର ଅଜିତ ବେହେରା, ଇନ୍ଦ୍ରମଣୀ ବେହେରା, ବିଦ୍ୟାଧର ମହାନ୍ତ, ଶଙ୍କର୍ଷଣ ମହାନ୍ତ, ନନ୍ଦକିଶୋର ମହାନ୍ତ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଇଡ଼କଲ ନିଗମ ପକ୍ଷରୁ ଜିଏମ ଓ ଅନ୍ୟାନ୍ୟ କର୍ମଚାରୀ ଶ୍ରମିକଙ୍କର ବକେୟା ପ୍ରାପ୍ୟକୁ ୫ ତାରିଖରୁ ୨୦ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।


ଖଣି କର୍ତ୍ତୃପକ୍ଷଙ୍କ ସହ ଛଟେଇ ଶ୍ରମିକ କର୍ମଚାରୀ।

# ଅଗ୍ନିବିପନ୍ନଙ୍କ ପରିବାର ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଧାରଣା

ଧର୍ମଶାଳା,୪।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ଖାରଶୋଳ ଗ୍ରାମର ଜଣେ ଅଗ୍ନିବିପନ୍ନଙ୍କୁ ଆବାସ ଯୋଗାଇବାରେ ବ୍ଲକ ପ୍ରଶାସନ ବିଫଳ ହୋଇଛି। ଏହାର ପ୍ରତିବାଦରେ ଅଗ୍ନିବିପନ୍ନଙ୍କ ପରିବାର ସୋମବାର ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଧାରଣାକୁ ସମର୍ଥନ ଜଣାଇ ଦଳିତ ନେତା ନାରାୟଣ ମଳିକ ଓ ପୂର୍ବତନ ସରପଞ୍ଚ ଈଶ୍ୱରଚନ୍ଦ୍ର ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ। ପ୍ରକାଶ ଯେ, ଗତ ୬।୧୧।୨୦୧୦ରେ ଅଗ୍ନିକାଣ୍ଡରେ ଖାରଶୋଳ ଗ୍ରାମର କୃଷ୍ଣ ମଳିକଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗୃହ ଖଣ୍ଡେ ପାଇଁ କୃଷ୍ଣ ତତ୍କାଳୀନ ନିୟମ ଅନୁସାରେ ଚଣ୍ଡିଖୋଲ ଦମକଳ ବାହିନୀ ଓ ତହସିଲ କାର୍ଯ୍ୟାଳଠାରୁ ଅଗ୍ନିବିପନ୍ନ ପ୍ରମାଣପତ୍ର ହସ୍ତଗତ କରି ବ୍ଲକ ପ୍ରଶାସକଙ୍କୁ ମୋକୁଡ଼ିଆ ଯୋଜନାରେ ନିବେଦନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲାପାଳଙ୍କୁ ବହୁବାର ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଗୃହ ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଥିବା କୃଷ୍ଣ କହିଛନ୍ତି। ଏ ନେଇ ଏବିଡିଓ ଉପେନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ କୃଷ୍ଣଚନ୍ଦ୍ରଙ୍କ ଭୂମିହୀନ ହୋଇଥିବାରୁ ତାଙ୍କର ଘରବାରି ପଟ୍ଟା ନ ଥିବାରୁ ଆବାସ ଯୋଜନାରେ ତାଙ୍କୁ ସାମିଲ କରାଯାଇ ପାରି ନାହିଁ ବୋଲି କହିଛନ୍ତି। ତେବେ କୃଷ୍ଣ ରହୁଥିବା ସ୍ଥାନ ପାଇଁ ଆବେଦନ କଲେ ତାଙ୍କୁ ପଟ୍ଟାଯୋଗାଇ ଦେବା ପାଇଁ ଧର୍ମଶାଳା ତହସିଲଦାରଙ୍କୁ ଅନୁରୋଧ କରାଯିବ ବୋଲି ଉପେନ୍ଦ୍ର କହିଛନ୍ତି।



ଅଗ୍ନିବିପନ୍ନଙ୍କୁ ଆବାସ ଗୃହ ଯୋଗଇଦେବା ଦାବିରେ ବ୍ଲକ ସମ୍ମୁଖରେ ଧାରଣା।

# ଧାରଣାରେ ବସିଲେ ବିସ୍ଥାପିତ

ବିରଜାକ୍ଷେତ୍ର,୪।୨(ଡି.ଏନ୍.ଏ)

ଟାଟା କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଥଇଥାନ ଦାବିରେ ବିସ୍ଥାପିତ ଜମିହରା ଉନ୍ନୟନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଛି। କଳିଙ୍ଗନଗରରେ ଗଢ଼ିଉଠିଥିବା ଟାଟା କମ୍ପାନୀ ଦ୍ୱାରା କଳାମାଟିଆ, ଗାଡ଼ପୁର, ହୁଡ଼ିସାହି, ଚମ୍ପାକୋଇଲି, ଗୋବରଘାଟୀ, ଚାନ୍ଦିଆର ଅଧିବାସୀ ବିସ୍ଥାପିତ ହୋଇଥିଲେ। ସେମାନଙ୍କୁ କ୍ଷତିପୂରଣ ଦେବା ସହ ଜଙ୍ଗଲ ଜମି ଯୋଗାଣ ଦାବିକୁ ମଧ୍ୟ କମ୍ପାନୀ ପୂରଣ କରି ନ ଥିଲା। ଯାହାକୁ ନେଇ ବିସ୍ଥାପିତ ଅଧିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୦୧୦ ମସିହାରେ ଧାରଣାରେ ବସିଥିଲେ। ଜିଲାପାଳ ବିସ୍ଥାପିତଙ୍କ ସମସ୍ୟାକୁ ଦୂର କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୮ ବର୍ଷ ପରେ ବି ଜମି ଓ ଘରଦ୍ୱାର ନ ପାଇ ସେମାନେ ଯାଯାବରଭାବେ ଘୂରି ବୁଲୁଛନ୍ତି। ୨୦୦୬ ମସିହାର ଶିଳ୍ପ ଆଇନ ନିୟମାବଳୀକୁ କାର୍ଯ୍ୟକାରୀ କରିବା, ପ୍ରଶାସନ ଓ କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାରକୁ କ୍ଷତିପୂରଣ ପ୍ରଦାନ, ବିସ୍ଥାପିତ ପରିବାରର ପ୍ରତ୍ୟେକ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି, ବିତାଡ଼ିତ ପରିବାରକୁ ବିସ୍ଥାପିତ ତାଲିକାରେ ଅନ୍ତର୍ଭୁକ୍ତ, ଘରଡିହ ପଟ୍ଟା ପ୍ରଦାନ, ପୂର୍ବତନ ଯାଜପୁର ଜିଲାପାଳଙ୍କ ଲିଖିତ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରାଯିବା ଦାବିରେ ସେମାନେ ଧାରଣା ଦେଇଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ବିସ୍ଥାପିତ ଅଧିବାସୀମାନେ ସୂଚନା ଦେଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା।

## ■ ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ୍ ଦାବି ଜୋର ଧରିଲା

# ୬ରୁ ରାଜଧାନୀରେ ବିକ୍ଷୋଭ କରିବେ ଚାଷୀ

ରସୁଲପୁର,୪।୨(ଡିଏନଏ)

ସମଗ୍ର ରାଜ୍ୟରେ ନବ ନିର୍ମାଣ କୃଷକ ସଂଗଠନ ନିଜ ଦାବିରେ ଅଟଳ ରହିଛି। କୃଷକଙ୍କୁ ପେନସନ, ପ୍ରାଇସ୍, ପ୍ରେଷ୍ଟିଜ୍ ପ୍ରଦାନ ଦାବି ଉପରେ ସଂଗଠନ ପକ୍ଷରୁ ନାନା ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିର୍ବାଚନୀ ବର୍ଷରେ ଆନ୍ଦୋଳନକୁ ଆହୁରି ଶାଣିତ କରିବା ପାଇଁ ସଂଗଠନ ପକ୍ଷରୁ ଯୋଜନା ହୋଇଛି। ଆନ୍ଦୋଳନ ଓ ବିକ୍ଷୋଭ ଜରିଆରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଇ ଦାବି ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। କୃଷକଙ୍କ ହିତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପେନସନ୍ ଯୋଜନା ଘୋଷଣା ସଂଗଠନକୁ ସନ୍ତୁଷ୍ଟ କରିପାରି ନାହିଁ । ଏ ସବୁ ଯୋଜନାରେ କୃଷକଙ୍କ ହିତ ସାଧନ ହେବ ନାହିଁ, ବରଂ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଭୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପୁଣି ଥରେ ସରକାରଙ୍କୁ ଚାଷୀଙ୍କ ପୁରୁଣା ଦାବି ସମ୍ପର୍କରେ ଚେତାଇବା ପାଇଁ ଫେବୃଆରୀ ୬ରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଯାଜପୁର ଜିଲାର ରସୁଲପୁର ବ୍ଲକ ବାରବାଟୀରୁ ସଂଗଠନ ଯାତ୍ରା ଆରମ୍ଭ କରିବ। ତେଣେ ପ୍ରଶାସନ ଏଥିରେ ରୋକ ଲଗାଇବା ଦିଗରେ ଅଧିକ ତତ୍ପର ହୋଇଉଠିଛି। ସରକାର ପୋଲିସକୁ ଢାଲ କରି ଚାଷୀଙ୍କୁ ଦମନ କରିବାକୁ ଯୋଜନା କରିଥିବା ଚର୍ଚ୍ଚା ହେଉଛି।

# ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

ସୁକିନ୍ଦା, ୪।୨(ଡି.ଏନ୍.ଏ.)

ଇମ୍ଫା କମ୍ପାନୀର ବଂଶିଧର ଇଲା ଫାଉଣ୍ଡେଶନ ପକ୍ଷରୁ ସୋମବାର ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତର ଇଚ୍ଛାପୁର ଗ୍ରାମବାସୀଙ୍କ ନିମନ୍ତେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଇମ୍ଫା ଖଣିର ଭାଇସ ପ୍ରେସିଡେଣ୍ଟ ସୁଦ୍ଧାଂଶୁ ପଟ୍ଟନି, ଲୋକ ସମ୍ପର୍କ ଅଧିକାରୀ ଜଗନମହନ ମଲ୍ଲିକ, ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ଅଶୁଂମାନ ମହାପାତ୍ର, ଆଇଟିଆଇ ଟ୍ରେନିଂ ସେଣ୍ଟର ପ୍ରିନ୍ସିପାଲ ପୀତାମ୍ବର ଜେନା ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ୪୬ଟି ପରିବାରର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହିପରି କାଳିଆପାଣି ମହାଗିରି କଲୋନି ପରିସରସ୍ଥ ପ୍ରେରଣା ମହିଳା ସଂଘ ତରଫରୁ ସୁକିନ୍ଦା ବ୍ଲକ ପିମ୍ପୁଡିଆ ପଞ୍ଚାୟତର ପତିତପାବନ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ନିମେନ୍ତ ବିଭିନ୍ନ ଖେଳ ସମଗ୍ରୀ ବଣ୍ଟନ କରାଯାଇଥିଲା। ସଭାନେତ୍ରୀ ଅନିତା ପଟ୍ଟନିଙ୍କ ସହ ଇମ୍ଫାର ବହୁ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ।

# ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

ଧର୍ମଶାଳା,୪।୨(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ବିଳମ୍ବିତ ରାତିରେ ନାବାଳିକାଙ୍କୁ ଉଦ୍ଧାରକରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ସୋମବାର ଅଭିଯୁକ୍ତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗଙ୍ଗାଧରପୁର ଡାକ୍ତରଖାନାରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଦେଓଦା ଗ୍ରାମର ବିବାହିତ ଯୁବକ ରାକେଶ ବେହେରା ଗତ ଜାନୁୟାରୀ ୨ ତାରିଖରେ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାରର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।



## ସଂକ୍ଷେପରେ

### ଚୋରା ବାଇକ୍ କିଣାବିକା, ୨ ଗିରଫ

ରାଜନଗର, ୪।୨ (ଡି.ଏନ୍.ଏ.): ଚୋରା ଗାଡି କିଣିବା ଅଭିଯୋଗରେ ରାଜନଗର ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜରିମୂଳ ବଜାରରେ ଗ୍ୟାରେଜ କରିଥିବା ସାଲେପୁର ଅଞ୍ଚଳର ଇନୁସ୍ ମହମ୍ମଦ ଓ ରାଜନଗର ଥାନା ପ୍ରହରାଜପୁର ଗ୍ରାମର ଦିବ୍ୟଲୋଚନ ପାତ୍ର। ଗାଡି ଚୋରି ମାମଲାରେ ଇନୁସ୍‌ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଏ ନେଇ ଏକ ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ଚୋରା ଗାଡ଼ି ଡକାୟତି ଯୋଜନା ବେଳେ ପୁଲିସ ଚଢ଼ାଉ କରି ୪ଜଣଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ୩ଟି ଚୋରା ବାଇକ୍ ଜବତ କରାଯାଇଥିବା ବେଳେ ସେମାନଙ୍କ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢାଉ କରି ଅନ୍ୟ ୪ଟି ବାଇକ୍ ଜବତ କରିଥିଲା।

### ମହାବୀର ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ରାଜନଗର, ୪।୨ (ଡି.ଏନ୍.ଏ.): ରାଜନଗର ବ୍ଲକ ମଦନପୁରସ୍ଥିତ ମହାବୀର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରାଜନଗର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ନାଥ ନାୟକ, ଶିକ୍ଷାବିତ୍ କାଶୀନାଥ ନାୟକ, କେଶବ ଚନ୍ଦ୍ର ମୟୀ, ତ୍ରିଲୋଚନ ସ୍ୱାଇଁ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଆଶାଲତା ବେହେରା, ପଙ୍କଜମାଳିନୀ ଷଡ଼ଙ୍ଗୀ, ପୁଷ୍ପଲତା ନାୟକ, ମାଳତୀ ମହାରଣା, କବିତା ରାଉଳ, ଜୟନ୍ତୀ ଦାସ, ସୁଷମା ନାଥ, ଅନୁପମା ନାୟକ, ଲମ୍ବୋଦର ପ୍ରଧାନ, ଶିକ୍ଷା କମିଟି ସଭାପତି ବୀରେନ୍ଦ୍ର ଦାଶ, ସୁମିତ୍ରା ପାତ୍ର ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ।

### ସତ୍ୟପ୍ରିୟ ସ୍ୱାଇଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଡେରାବିଶ, ୪।୨ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ କୋରପଦା ପଡ଼ିଆଠାରେ ଚାଲିଥିବା ସତ୍ୟପ୍ରିୟ ସ୍ୱାଇଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ପଲେଇ ଓ ଭୋଳହାଟ ଟିମ୍ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭୋଳହାଟକୁ ୩ ୱିକେଟ୍‌ରେ ହରାଇ ପଲେଇ ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ ସାମାଜିକ କର୍ମୀ ବିଚିତ୍ରାନନ୍ଦ ବେହେରା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଗୋଲଖି ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖମୋଳ ପଞ୍ଚାୟତ ଅଧୀନ ପଟଣା, ଜହ୍ନିମୂଳସ୍ଥିତ ପଲ୍ଲୀ କଲ୍ୟାଣୀ ଯୁବକ ସଂଘ ଆନୁକୁଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

### ମା'ଦୁଲାଣି କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ



ଡେରାବିଶ, ୪।୨ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅଧୀନ ନାନକାର ଗ୍ରାମରେ ମା' ଦୁଲାଣି କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ କ୍ରିକେଟ୍ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲିର ଖଣ୍ଡସାହି କ୍ରିକେଟ୍ ଆସୋସିଏଶନ୍ ଓ ସରପଡ଼ା କ୍ରିକେଟ୍ ଆସୋସିଏଶନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସରପଡ଼ାକୁ ୬ ୱିକେଟ୍‌ରେ ହରାଇ ଖଣ୍ଡସାହି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ଡେଲଟା କଲେଜ ଅଧ୍ୟାପକ ପ୍ରଦୀପ ଜେନା ଓ ଇନ୍ଦାଲୋ ପରପଞ୍ଚ ରଶ୍ମିତା ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଭାଷ୍କରଞ୍ଜନ ରଥ, ଶାରଦା ମଲ୍ଲିକ, ବୁନୁ ରାଉତ ଖେଳ ପରିଚାଳନା କରିଥିଲେ।

# ଜନଶୁଣାଣି ଶିବିରରେ ୪୭୯ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୪।୨



ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅଭିଯୋଗକାରୀମାନେ।

ଜିଲାର ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୭୯ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୪୪୬ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ଅବଶିଷ୍ଟ ସାମୂହିକ ଥିଲା। ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପି ନୀତିଶେଖରଙ୍କ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲ୍ଲୀପ କୁମାର ପରିଡ଼ା, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ୟକ୍ତିଗତ ଅଭିଯୋଗକାରୀ ବାସଗୃହ ଯୋଜନାରେ ଅନିୟମିତତା, ପାନୀୟ ଜଳ ସମସ୍ୟା, କଳାକାର ଭତ୍ତା, ଜମି ଚିହ୍ନଟ, ରିଲିଫ୍ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା, ଭତ୍ତା ଇତ୍ୟାଦି ଅଭିଯୋଗ କରିଥିଲେ। ସେହିପରି ସୁଷମ ବଣ୍ଟନ ବ୍ୟବସ୍ଥା, ରାସ୍ତା ଜବରଦଖଲ ହଟାଇବା, ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥ ହଡପ ଇତ୍ୟାଦି ଅଭିଯୋଗ ସାମୂହିକ ଭାବେ ହୋଇଥିଲା। ଅଭିଯୋଗଗୁଡିକ ମଧ୍ୟରୁ ବିଭିନ୍ନ ବିଭାଗ ସହଯୋଗରେ କେତୋଟିର ସଙ୍ଗେସଙ୍ଗେ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗକୁ ଆସନ୍ତା ୧୦ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଜିଲାପାଳ ଶତପଥୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ■ ନିଷିଦ୍ଧାଞ୍ଚଳରେ ବେଆଇନ ମାଛମରା

# ୩ ଟ୍ରଲର ଜବତ, ୨୫ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୪।୨ (ଡି.ଏନ୍.ଏ.)

ସାମୁଦ୍ରିକ ବିରଳ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ମାଛ ଧରୁଛନ୍ତି। ଦୈନିକ ଏକାଧିକ ଟ୍ରଲର ସହ ବହୁ ମତ୍ସ୍ୟଜୀବୀଙ୍କୁ ନିଷିଦ୍ଧାଞ୍ଚଳରୁ ଗିରଫ କରାଯାଉଥିବା ବେଳେ ଏହା ବିରଳ କଇଁଛଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ସୋମବାର ୩ ଟି ଟ୍ରଲର ଜବତ କରିବା ସହ ୨୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ରଲରଗୁଡ଼ିକ ହେଲା ଚନ୍ଦ୍ରମା, ପଞ୍ଚୁରେଇ ମା' ଓ ଜ୍ୟୋତିତାରିଣୀ। ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ହେଲେ ମାଧବ ଚନ୍ଦ୍ର ମାଇତି, ଚରଣ ମଲ୍ଲିକ, ବସନ୍ତ ମଲ୍ଲିକ, ମନୁ ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ସୁଶାନ୍ତ ମଲ୍ଲିକ, ସାଗର ମଲ୍ଲିକ, ପ୍ରହଲ୍ଲାଦ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ଗଣେଶ ଦାସ, ଶରତ ଦାସ, ବାବାଜୀ ଦାସ, ଅନ ଦାସ, ନନ୍ଦ କିଶୋର ଦାସ, ସୁଦର୍ଶନ ଦାସ ପ୍ରମୁଖ ୨୫ଜଣଙ୍କୁ ଏହି ପାଟ୍ରୋଲିଂ ଟିମ୍ ଗିରଫ କରିଛି। ୩ଟି ଟ୍ରଲରରୁ ୫୫ କୁଇଣ୍ଟାଲ ମାଛ, ଭିଏଚ୍‌ଏଫ୍ ୫ଟି, ଜିପିଏସ୍ ୪ଟି, ଫିସ୍ ଫାଇଣ୍ଡର ୩ଟି ଓ ୨୮ଟି ଟ୍ରଲିଂ ନେଟ୍ ଜବତ କରାଯାଇଛି।

# ବିହନ ବିଶୋଧନ ପ୍ରଶିକ୍ଷଣ ଶିବିର



ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ରଶିକ୍ଷଣ ଶିବିର।

ପାଟକୁରା, ୪।୨ (ଡି.ଏନ୍.ଏ.)

ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତ ଅଧୀନ ଯମୁନାବାଦ ମହାଦେବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ କୃଷି ବିଭାଗ ତରଫରୁ ବିହନ ବିଶୋଧନ ପ୍ରଶିକ୍ଷଣ ଶିବିର ଓ ସୂର୍ଯ୍ୟମୁଖୀ ଚାଷ ସଂକ୍ରାନ୍ତ ଏକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ମୁଗ ଚାଷୀମାନଙ୍କୁ ବିହନ ବିଶୋଧନ ପ୍ରକ୍ରିୟା ସମ୍ପର୍କରେ କୋରୁଆ ସହକାରୀ କୃଷି ଅଧିକାରୀ ପ୍ରିୟବ୍ରତ ଜେନା ପରାମର୍ଶ ଦେଇଥିଲେ। ପାଟକୁରା ପଞ୍ଚାୟତରେ ୩୦ ହେକ୍ଟର ଜମିରେ ମୁଗ ଚାଷ କରାଯାଉଛି। ବିହନ ବିଶୋଧନ କରି ଚାଷ କଲେ ଏହା ରୋଗ ପୋକ ପ୍ରତିରୋଧକ ହେବା ସଙ୍ଗେ ସଙ୍ଗେ ଅଧିକ ଅମଳକ୍ଷମ ହେବ ବୋଲି ଜେନା ସୂଚନା ଦେଇଥିଲେ। ଏଥିସହିତ ପାଟକୁରା ପଞ୍ଚାୟତର ଯମୁନାବାଦ, ଜଗଦଳପୁର, ପାଟକୁରା ଓ ଜଗନ୍ନାଥପୁର ଗ୍ରାମରେ କୃଷି ବିଭାଗ ତରଫରୁ ୪୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ସୂର୍ଯ୍ୟମୁଖୀ ଚାଷ କରାଯାଉଛି। ଠିକ୍ ସମୟରେ ସୂର୍ଯ୍ୟମୁଖୀ ଗଛରେ ପାଣିଦେବା ଓ ସାର ପ୍ରୟୋଗ ଉପରେ କୃଷି ଅଧିକାରୀ ଗୁରୁତ୍ୱ ଦେଇଥିଲେ। ଖାଇବା ତେଲର ଚାହିଦା ମେଣ୍ଟାଇବା ପାଇଁ ସୂର୍ଯ୍ୟମୁଖୀ ଚାଷର ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ସାଥୀ ପ୍ରିୟଦର୍ଶୀ ମହାନ୍ତି, କୃଷି କର୍ମଚାରୀ ହିମାଂଶୁ ସେନାପତି, ପଞ୍ଚାୟତ ପ୍ରତିନିଧି ସୁକାନ୍ତ ସାମଲ, ଚାଷୀ ଗଜେନ୍ଦ୍ର ସାମଲ, ଗଣେଶ୍ୱର ପ୍ରଧାନ, ନିରଞ୍ଜନ ମଲ୍ଲ, ବିଜୟ ନାୟକ, ସୁକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ଅନିୟମିତତାରେ ଚାଲିଛି ବିଦ୍ୟାଳୟ

# ଅଭିଯୋଗ ଉଠାଇଲେ ଛାତ୍ରୀଛାତ୍ର

ମହାକାଳପଡ଼ା, ୪।୨ (ଡି.ଏନ୍.ଏ.)

ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ପଞ୍ଚାୟତସ୍ଥିତ ଶାହାବାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ନେଇ ଛାତ୍ରୀଛାତ୍ରମାନେ ସୋମବାର ବିଇଓ ଓ ସିଆରସିସିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଇଓ ଅଜୟ କୁମାର ମାଝି ଓ ସିଆରସିସି ରବୀନ୍ଦ୍ର ବେହେରା ଏହି ବିଦ୍ୟାଳୟକୁ ଯାଞ୍ଚ ପାଇଁ ଆସିଥିଲେ। ସେମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ପରିଚାଳନା କମିଟି ସଦସ୍ୟା ସଦସ୍ୟ, ସଭାପତି, ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ଠାରୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ଓ ପୋଷାକ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ଅପରପକ୍ଷେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମଲ୍ଲିକ ୨ ସପ୍ତାହ ହେବ ମେଡ଼ିକାଲ ଛୁଟିରେ ଯାଇଛନ୍ତି। ଏସମ୍ପର୍କରେ ବିଇଓ ପରିଡ଼ା କହିଛନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଥିବାରୁ ତଦନ୍ତ ହୋଇ ପାରିନାହିଁ। ସେ ଫେରିବା ପରେ ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯିବ।

# ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

କେନ୍ଦ୍ରାପଡା ଅଫିସ, ୪।୨




ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଏକ ସଚେତନତା ରଥ ଜିଲା ପରିକ୍ରମା ପାଇଁ ବାହାରିଛି। ଏହି ରଥକୁ ସୋମବାର ପରିବହନ କାର୍ଯ୍ୟାଳୟଠାରେ ଜିଲାପାଳ ଦାଶରଥି ଶତପଥୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ଶତପଥୀ ସଡ଼କ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ, ଦୈନନ୍ଦିନ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏଥିପାଇଁ ଚାଳକଙ୍କ ଅସାବଧାନତା ଓ ରାସ୍ତା ଜବରଦଖଲ ସମସ୍ୟା ମୁଖ୍ୟତଃ ଦାୟୀ। ରାସ୍ତା ପାର୍ଶ୍ୱରେ ଦୋକାନ, ବଜାର ଖୋଲୁଥିବା ବେଳେ ଏଥିଯୋଗୁ ରାସ୍ତା କଡ଼ରେ ଗାଡ଼ିମୋଟର ଭିଡ଼ ଜମୁଛି। ଏଥିସହିତ କେତେକ ବ୍ୟକ୍ତି ଘର ତିଆରି ସାମଗ୍ରୀ ରାସ୍ତା ଉପରେ ରଖୁଛନ୍ତି। ଏଭଳି ଜବରଦଖଲ ହଟାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବର୍ଷସାରା ଉଦ୍ୟମ ରହିବ। ଅପରପକ୍ଷେ ଚାଳକଙ୍କ ସଚେତନତା ଅଭାବରୁ ବହୁ ଦୁର୍ଘଟଣା ଘଟୁଛି। ପରିବେଶ ଓ ସ୍ୱାସ୍ଥ୍ୟରକ୍ଷାକୁ ଗାଡିଚାଳନା ସମୟରେ ନଜର ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର କହିଥିଲେ, ସଡ଼କ ଦୁର୍ଘଟଣା ସମୟରେ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାରକାରୀଙ୍କୁ ସମ୍ମାନିତ କରାଯାଉଛି। ଅତିରିକ୍ତ ପରିବହନ ଅଧିକାରୀ ଅକ୍ଷୟ କୁମାର ପରିଡ଼ା ସଡ଼କ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କନିଷ୍ଠ ମୋଟରଯାନ ନିରୀକ୍ଷକ ପଦ୍ମଜା ମହାନ୍ତି, ନିର୍ମଳଚନ୍ଦ୍ର ସ୍ୱାଇଁ, କମଳଲୋଚନ ଦାସ, ବିଜୟ କୁମାର ମଲ୍ଲିକ, ସୁରେନ୍ଦ୍ର ମାଝି ପ୍ରମୁଖ ସାମିଲ ହୋଇଥିଲେ।

## ■ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

# ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ବିଭୋର ହେଲେ ଦର୍ଶକ

କେନ୍ଦ୍ରାପଡା ଅଫିସ, ୪।୨

'ନଦୀର ନାମ ଅଳସୀ କନ୍ୟା' ଠାରୁ 'ଟୁଆଁଟୁଇଁ' 'ଯାଯାବର'ଠାରୁ ପଲ୍ଲୀଗୀତ ପର୍ଯ୍ୟନ୍ତ ସବୁଥିରେ ଅକ୍ଷୟ ମହାନ୍ତିଙ୍କ ସ୍ୱାକ୍ଷର। ଏହି ସ୍ମୃତି ସହ ଜଡିତ ଗୀତ ସହରର ମହିପାଳସ୍ଥିତ ଟେଲିକମ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାରେ ସୋମବାର ସନ୍ଧ୍ୟାକୁ ଭିଜାଇଥିଲା। କେନ୍ଦ୍ରାପଡ଼ା ବ୍ଲକ ବାରୁଅଷ୍ଟ ଭାବଗ୍ରାହୀ କଳା ନିକେତନର କଳାକାରଙ୍କ ସୁମଧୁର କଣ୍ଠରୁ ଉତୁରି ଥିବା ଅକ୍ଷୟ ମହାନ୍ତିଙ୍କ ବହୁ ଭାବପୂର୍ଣ୍ଣ ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ବିଶିଷ୍ଟ ସଙ୍ଗୀତକାର ଅକ୍ଷୟ ମହାନ୍ତିଙ୍କ ହେ ଫୁଗଣ ତୁମେ, ବୟସର କୃଷ୍ଣଚୂଡ଼ା, ଉଡ଼ିଉଡ଼ି ଯାଏ ଗୁଡ଼ି, ଟିକ୍ ଟିକ୍ ଘଣ୍ଟା ଚାଲେ, ଫୁଲେଇ ରାଣୀ, ତମେତ ଆସିଲ ନାହିଁ ଆଦି ୫୦ରୁ ଊର୍ଦ୍ଧ୍ୱ ଗୀତକୁ କଳାକାରମାନେ ଗାଇଥିଲେ। କଳା ନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡ଼ାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ଅକ୍ଷୟଙ୍କୁ ଖିଆଲୀ ମନର ବେପରୱା ବାଦଶାହା ବୋଲି ଉପସ୍ଥାପନା କରିଥିଲେ। ସଙ୍ଗୀତ ଗାନ ପ୍ରାରମ୍ଭରେ ସେମାନେ ପ୍ରକାଶ କରିଥିଲେ ଯେ, ଅକ୍ଷୟ କେବେ ଯାଯାବର ତ କେବେ କଳଙ୍କିତ ନାୟକ, କେବେ ଆର୍ଯ୍ୟ ଦାସ ତ କେବେ ପ୍ରବାଦ ପୁରୁଷ ଭାବେ ଜନମାନସରେ ଉଭା ହୋଇଛନ୍ତି। ଗୀତରେ, ସୁରରେ, ଗଳ୍ପରେ, ସଂଳାପରେ, ଉପନ୍ୟାସ ରଚନାରେ ସବୁଠି ତାଙ୍କର ଥିଲା ପ୍ରବେଶ। ରେଡିଓ, ଦୂରଦର୍ଶନ, ସିନେମା ମଞ୍ଚ କାର୍ଯ୍ୟକ୍ରମରେ ସାମିଲ ହୋଇ ଜନମନକୁ ହରଣ କରୁଥିଲେ। ଭଜନ, ଆଧୁନିକ, ପଲ୍ଲୀଗୀତ, ଦେଶାତ୍ମବୋଧକ ଗୀତ, ଗୀତିନାଟ୍ୟ, ସିନେସଙ୍ଗୀତ, ଲଘୁ ଶାସ୍ତ୍ରୀୟ ସଙ୍ଗୀତ, ଗଜଲ, କୋରସ ସବୁଥିରେ ସେ ଥିଲେ ସିଦ୍ଧହସ୍ତ। ଅକ୍ଷୟ ମହାନ୍ତିଙ୍କ ଭଳି ସୁଯୋଗ୍ୟ ସନ୍ତାନକୁ ଜନ୍ମ ଦେଇଥିବାରୁ କେନ୍ଦ୍ରାପଡା ମାଟିକୁ ଧନ୍ୟବାଦ। ସୂଚନାଯୋଗ୍ୟ ଯେ, ଏହି ଜିଲାର ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ନିକଟବର୍ତ୍ତୀ ବାଙ୍କିମୁଣ୍ଡାଇଠାରେ ଅକ୍ଷୟ ମହାନ୍ତିଙ୍କ ଜନ୍ମ। କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ ଅକ୍ଷୟଙ୍କ ସଙ୍ଗୀତ ଶୁଣିବା ପାଇଁ ବହୁ ଜନସମାଗମ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସହରର ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱରକୁ ହରାଇ ଯାଜପୁର ସେମିରେ

ରାଜନଗର, ୪।୨ (ଡି.ଏନ୍.ଏ.)

ରାଜନଗରସ୍ଥିତ ଫିରିକିଦାଣ୍ଡି ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଥିବା ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍। ଭୁବନେଶ୍ୱର ରେଡଷ୍ଟାର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ଯାଜପୁର ବ୍ୟାଟିଂ କରି ୨୫ ଓଭରରେ ୧୩୪ ରନ୍ କରିଥିଲା। ମାତ୍ର ଭୁବନେଶ୍ୱର ଟିମ୍ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଯାଜପୁରର ସତ୍ୟବ୍ରତ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀରାମପୁର ସରପଞ୍ଚ ବିରଞ୍ଚି ନାରାୟଣ ଦାସ ଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶ୍ରାବଣୀ ଇଲେଭେନଷ୍ଟାର ସିଂହପୁର ଓ ନିମପୁର ସ୍ପୋର୍ଟିଂ ଜଗତପୁର ମଧ୍ୟରେ ଅନୁଷ୍ଠିତ ହେବ।

## ■ ମନ୍ଦିର ପୋଖରୀକୁ ନେଇ ଉତ୍ତେଜନା

# ମନ୍ଦିର ଆଗରେ ଧାରଣା ଦେଲେ ୪୫ ପରିବାର



ମନ୍ଦିର ଆଗରେ ୪୫ ପରିବାରର ସଦସ୍ୟ ଧାରଣା ଦେଇଛନ୍ତି।

ମହାକାଳପଡ଼ା, ୪।୨ (ଡି.ଏନ୍.ଏ.)

ମହାକାଳପଡା ବ୍ଲକ ଅଧୀନ ସ୍ଥାନୀୟ ବିଜୟନଗର ପଞ୍ଚାୟତର ବିଜୟନଗରପୁର ଗ୍ରାମସ୍ଥିତ ଅମ୍ବିକା ଦେଇପୁରର ଶାସନଠାରେ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପୋଖରୀକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ପୋଖରୀକୁ ଶୌଚାଳୟ ଓ ଗୁହାଳର ଆବର୍ଜନା ଜଳ ଛାଡୁଥିବା ଅଭିଯୋଗ କରି ଶାସନ ଅଞ୍ଚଳର ୪୫ ପରିବାର ମନ୍ଦିର ସମ୍ମୁଖରେ ରବିବାର ରାତିରୁ ତାଲା ପକାଇ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମନ୍ଦିର ପୋଖରୀ ଜଳରେ ବିଭିନ୍ନ ଆବର୍ଜନା ଜଳ ପଶିବା ଯୋଗୁ ଗ୍ରାମବାସୀ ଏହି ଜଳକୁ ପୂଜା କାର୍ଯ୍ୟରେ ବ୍ୟବହାର କରିପାରୁନାହାନ୍ତି। ମନ୍ଦିରପୂଜକ ନୃସିଂହ ଚରଣ ନନ୍ଦ ଏହି ଜଳକୁ ଠାକୁରଙ୍କ ନିତିକାନ୍ତିରେ ଲାଗିବ ନାହିଁ ବୋଲି କହିଛନ୍ତି। ଏହାକୁ ସମର୍ଥନ କରି ଘନଶ୍ୟାମ ଦାସ, ଦୈତାରୀ ନନ୍ଦ, ସତ୍ୟଜିତ ଦାଶ ଓ ଅଲେଖ ତ୍ରିପାଠି ପ୍ରମୁଖ ଧାରଣାରେ ବସିଛନ୍ତି।

# ଦୁର୍ଗମ ଅଞ୍ଚଳରେ ଶିକ୍ଷକତା କରିଥିବା ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ରାଜକନିକା, ୪।୨ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ ପଣସଗଣ୍ଡ ସାଧନ କେନ୍ଦ୍ର ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ସାନହଲପଡା ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ପଣସଗଣ୍ଡ ସାଧନ କେନ୍ଦ୍ରର ସଂଯୋଜକ ବିନୋଦ ବିହାରି ସେଠୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ଭାମଣ୍ଡା ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶରତ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତଶିକ୍ଷକ ପାଣ୍ଡବ ଚରଣ ନାୟକ ଯୋଗଦେଇ ଏହି ଦୁର୍ଗମ ଅଞ୍ଚଳରେ ଶିକ୍ଷକତା କରିଥିବା ଏହି ଶିକ୍ଷକମାନଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତଅତିଥି ଭାବେ ପଧାନପଡା ପଞ୍ଚାୟତର ସରପଞ୍ଚ ପ୍ରବୀଣା ଦାସ, ଶ୍ରୀନିବାସ ନାୟକ, ସିଆରସିସି କୁଳମଣି ସାହୁ ପ୍ରଶାନ୍ତ କୁମାର ମଲିକ, ସାନହଲପଡା ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖଟୁଆ ଓ ପଦ୍ମଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ଗୌରହରି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପଣସଗଣ୍ଡ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସରପାପ୍ତ ଶିକ୍ଷୟିତ୍ରୀ ହୈମବତୀ ସାମଲ, ବଡହଲପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଦାସ ଓ ନିତ୍ୟାନନ୍ଦ ମହାନ୍ତିଙ୍କୁ ସାଧନ କେନ୍ଦ୍ର ପକ୍ଷରୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଫାଜିଲପୁର ବିଦ୍ୟାସାଗର ନୋଡାଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାସାଗର ନୋଡାଲ ବିଦ୍ୟାୟାଳୟର ସହକାରୀ ଶିକ୍ଷକମନୋଜ କୁମାର ବଳ, ରଶ୍ମୀରେଖା ସାମଲ ଓ ପ୍ରିୟମ୍ବଦା ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ■ ବିଶ୍ୱ କର୍କଟ ନିରାକରଣ ଦିବସ

# କର୍କଟର କାରଣ, ନିରାକରଣ ସମ୍ପର୍କିତ ଆଲୋଚନା

କେନ୍ଦ୍ରାପଡ଼ା ଅଫିସ, ୪।୨

**୬ରେ କର୍କଟ ରୋଗୀ ଚିହ୍ନଟ ଶିବିର**



ଆଲୋଚନାଚକ୍ରରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ।

୨୦୧୫ ସୁଦ୍ଧା ରାଜ୍ୟରେ ଚିହ୍ନଟ ହୋଇଥିବା ୪୭,୬୬୬ ଜଣ କର୍କଟ ପୀଡିତଙ୍କ ମଧ୍ୟରୁ ଇତିମଧ୍ୟରେ ୨୦,୧୬୧ ଜଣଙ୍କର ମୃତ୍ୟୁ ଘଟିଛି। ଏହାର ଭୟାବହତା ଓ ରୋଗର ଉପଶମ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆସନ୍ତା ୬ ତାରିଖରେ କର୍କଟ ରୋଗୀଙ୍କ ଚିହ୍ନଟ ସହ ନିରାକରଣ ବ୍ୟବସ୍ଥା କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାର ଆୟୋଜିତ ବିଶ୍ୱ କର୍କଟ ନିରାକରଣ ଦିବସ ପାଳନ ଅବସରରେ ସିଡିଏମ୍‌ଓ ଡା. ବିଶ୍ୱରଞ୍ଜନ ପତି ଉପରୋକ୍ତ ସୂଚନା ଦେଇଛନ୍ତି। ଏହି ଅବସରରେ ସିଡିଏମ୍‌ଓ ଡା. ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କର୍କଟ ରୋଗର କାରଣ, ନିରାକରଣ ଓ ସରକାରୀ ଚିକିତ୍ସା ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ୍, ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଆଲୋକ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଏହି ରୋଗର ଠିକ କାରଣ ଅଦ୍ୟାବଧି ଜଣାପଡିନାହିଁ। ତେବେ ତମାଖୁ ସେବନ, ଦୂଷିତ ବାୟୁ, ଜଙ୍କଫୁଡ୍, ଅଧିକ ଚର୍ବିଜାତୀୟ ଖାଦ୍ୟ ଓ ସୂର୍ଯ୍ୟରଶ୍ମିରୁ କ୍ୟାନସର ରୋଗ ସୃଷ୍ଟି ହେବା ସମ୍ଭାବନା ଅଧିକ। ଏହି ରୋଗର ଚିକିତ୍ସା ବ୍ୟୟବହୁଳ। ଏଥିସହିତ ଚିକିତ୍ସାରେ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ନିରାକରଣ ଦିବସ ଭାବେ ପାଳନ କରାଯାଉଛି। ପୂର୍ବାହ୍ନରେ ନର୍ସିଂ ଛାତ୍ରୀମାନେ ସହରରେ ଏକ ସଚେତନତା ରାଲି କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିପିଏମ୍ ପ୍ରକାଶ ବାନାର୍ଜୀ, ମନୋରଞ୍ଜନ ଦାସ, ପ୍ରମୋଦ ସେନାପତି, ଅନ୍ନଦା ନାୟକଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଜଳିଗଲା ୧୨ ବଖରା

**ବାଲିକୁଦା,୪ା୨(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଗରାମ ପଞ୍ଚାୟତର ଫକିରିପଡ଼ା ଗାଁରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଖତୁ ବାରିକ, ମାଗୁ ବାରିକ ଓ ସତ୍ୟାନନ୍ଦ ବାରିକଙ୍କ ୧୨ ବଖରା ପୋଡ଼ିଯାଇଛି। ସନ୍ଧ୍ୟାବତୀରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ସାଢ଼େ ୫ଟାରେ ଘର ଲୋକେ ସନ୍ଧ୍ୟା ବତୀ ଲଗାଇଥିବାବେଳେ କୌଣସି କାରଣରୁ ଚାଳରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ବାଲିକୁଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ସବୁ ଜଳିଯାଇଥିଲା। ବିପନ୍ନ ପରିବାର ପିନ୍ଧିଥିବା ଲୁଗା ବ୍ୟତୀତ ଆଉ କୌଣସି ଜିନିଷ ଘରୁ ଉଦ୍ଧାର କରାଯାଇ ପାରି ନ ଥିଲେ।

### ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ

**ଜଗତ୍‌ସିଂହପୁର ଅଫିସ,୪ା୨:** ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଏଥିରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ ଯେ, ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ କେମୋ ୟୁନିଟ୍ ଖୋଲାଯାଇଛି। ସେଠାରେ ମାଗଣା କର୍କଟ ରୋଗ ଚିହ୍ନଟ ସହ ଚିକିତ୍ସା ସୁବିଧା କରାଯାଉଛି। ଅଣସଂକ୍ରମଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ନିରଞ୍ଜନ ଦାସ କହିଲେ, ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ବ୍ୟବହାର ଓ କିଛି ଭୁତାଣୁଜନିତ ସଂକ୍ରମଣ ଯୋଗୁ କର୍କଟ ବ୍ୟାପୁଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହେଶ୍ୱର ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଉପଯୁକ୍ତ ଜୀବନ ଶୈଳୀ ଓ ଖାଦ୍ୟପେୟ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରେ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ନିରୁପଣ ଓ ଚିକିତ୍ସା କେନ୍ଦ୍ର ରହିଛି। ୨୫ ଜଣଙ୍କ ରୋଗ ନିରୂପଣ କରାଯାଇ କେମୋଥେରାପି କରାଯାଇଛି। ଯେଉଁମାନଙ୍କ ଅଧିକ ଚିକିତ୍ସା ଆବଶ୍ୟକ ସେମାନଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନକୁ ସ୍ଥାନାନ୍ତର କରାଯାଉଛି ବୋଲି ସେ କହିଥିଲେ।

### ୬ ପାରାମେଡ଼ିକାଲ ଷ୍ଟାଫ ନିଯୁକ୍ତି ପାଇଁ ଦାବି

**ରଘୁନାଥପୁର, ୪ା୨(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୨୪ ଘଣ୍ଟିଆ ଇନଡୋର ସେବା ଉପଲବ୍ଧ ପାଇଁ ୩ ଜଣ ଡାକ୍ତର ରୋଟେସନ ଓ୍ୱାଇଜ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ୬ଜଣ ପାରାମେଡ଼ିକାଲ ଷ୍ଟାଫ୍ ଅଭାବରୁ ଚିକିତ୍ସା ସୁବିଧା ମିଳିପାରୁନି। ତେଣୁ ଆସନ୍ତା ଏକମାସ ମଧ୍ୟରେ ୬ ଜଣ ପାରାମେଡ଼ିକାଲ ଷ୍ଟାଫଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏନେଇ ଅଞ୍ଚଳର ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କ ଏକ ବୈଠକ ରାଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟାଫ୍ ନିଯୁକ୍ତି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ପୂର୍ବତନ ସରପଞ୍ଚ ସୁନୀଲ କୁମାର ଜେନା, ସୌମ୍ୟରଞ୍ଜନ ସ୍ୱାଇଁ, ଆଶୁତୋଷ ସାହୁ, ସନ୍ତୋଷ ସ୍ୱାଇଁ, ଉପେନ୍ଦ୍ରନାଥ ରଥ ପ୍ରମୁଖ ଏଥିରେ ଚେତାବନୀ ଦେଇଛନ୍ତି। ସ୍ନେହାଂଶୁ ଜେନାଙ୍କ ନେତୃତ୍ୱରେ ଜାନୁୟାରୀରେ ହୋଇଥିବା ଫଳରେ ଜଣେ ଡାକ୍ତରଙ୍କୁ ପଠାଇ ସ୍ୱାସ୍ଥ୍ୟ ବିଭାଗ ଚୁପ୍ ହୋଇ ବସିଛି। ତେବେ ୨ ନର୍ସ, ୨ଜଣ ଆଟେଣ୍ଡାଣ୍ଟ ବିନା ରାତ୍ରିକାଳୀନ ରୋଗୀସେବା ଅସମ୍ଭବ ବୋଲି ଅଞ୍ଚଳବାସୀ କହିଛନ୍ତି।

### ଶିଶୁ ଅଧିକାର ତାଲିମ ଶିବିର

**ବିରିଡ଼ି,୪ା୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଶିଶୁ ଅଧିକାର ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ଶିବିରରେ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉଦୟନାଥ ସ୍ୱାଇଁ, ପରାମର୍ଶଦାତା ସୁଶାନ୍ତ ମହାନ୍ତି, ଏବିଇଓ ବିଜୟ କୁମାର ଦ୍ୱିବେଦୀ, ଏସିଇଓ ଶରତ ଚନ୍ଦ୍ର ମହାରଣା, ପଞ୍ଚାୟତ ଜନପ୍ରତିନିଧି, ଆଇସିଡିଏସ ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ। ବିଶେଷକରି ଶିଶୁମାନଙ୍କ ସୁରକ୍ଷା ପାଇଁ ମା, ବାପା, ପରିବାର, ଗୋଷ୍ଠୀ ସମୂହ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଶିଶୁ ସୁରକ୍ଷା ପାଇଁ ଜିଲାଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରି ଶିଶୁ ଅଧିକାର ଉଲ୍ଲଂଘନ ରୋକିବାକୁ ପରାମର୍ଶ ଦେଇଥିଲେ।

■ ବୁଧବାର ପାରାଦୀପରେ ଉଦ୍‌ଘାଟିତ ହେବ ପଲିପ୍ରୋପିଲିନ ପ୍ରକଳ୍ପ

# ଲୋକାର୍ପିତ ହେବ ୧୧,୦୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ

ଭୁବନେଶ୍ୱର,୪-୨(ବ୍ୟୁରୋ)

ବୁଧବାର ପାରାଦୀପଠାରେ ୧୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ସ୍ଥାପନ ହୋଇଥିବା ପଲିପ୍ରୋପିଲିନ ୟୁନିଟ ଉଦଘାଟିତ ହେବ। ସେହିଭଳି କ୍ଲିନ କାର୍ଗୋ ପରିବହନ ଲାଗି ପାରାଦୀପ ବନ୍ଦରରେ ମଲ୍ଟି ପରପସ ବର୍ଥର ଏହି ଦିନ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଜାହାଜ ଚଳାଚଳ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରି, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉକ୍ତ ପ୍ରକଳ୍ପଗୁଡ଼ିକୁ ଲୋକାର୍ପଣ କରିବେ। ଏହାବାଦ ପାରାଦୀପ ରିଫାଇନେରିରେ ମନୋଏଥିଲିନ ଗ୍ଲାଇକଲ (ଏମ୍‌ଇଜି) ୟୁନିଟର ଭିତ୍ତିପ୍ରସ୍ତର, ପାରାଦୀପ ପୋର୍ଟର ଇକ୍ୟୁ-୧,୨ ଏବଂ ୩ ବର୍ଥର ମେକାନାଇଜେଶନ,ଏଲ୍‌ପିଜି ଇମ୍ପୋର୍ଟ ଟର୍ମିନାଲ ଭଳି ଅନ୍ୟ କିଛି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ।

ଏଠାରେ ସୋମବାର ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଆଇଓସିଏଲ୍, ପାରାଦୀପ ରିଫାଇନେରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟିଡିଭିଏସ୍ ଗୋପାଳକୃଷ୍ଣ କହିଛନ୍ତି, ପାରାଦୀପର ୬୮୦ କେଟିଏ କ୍ଷମତା ବିଶିଷ୍ଟ ବିଶ୍ୱସ୍ତରୀୟ ପଲିପ୍ରୋପିଲିନ ପ୍ଲାଣ୍ଟ ୩୧୫୦ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ସ୍ଥାପନ ହୋଇଛି। ଏହାବାଦ ପ୍ରାୟ ୫୬୫୪ କୋଟି ଟଙ୍କା ପୁଞ୍ଜିରେ ନିର୍ମାଣ ହେବାକୁ ଥିବା ଏମ୍‌ଇଜି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ୨୦୨୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ପ୍ରାୟ ୩୭୦୦ କୋଟି ଟଙ୍କା ପ୍ରକଳ୍ପର ଉଦଘାଟନ, ଲୋକାର୍ପଣ ଏବଂ ଅନ୍ୟ କିଛି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେଉଥିବା ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରଏ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ପ୍ରାୟ ୨,୫୦୦ ପ୍ରତ୍ୟକ୍ଷ ଏବଂ ୧୦,୦୦୦ରୁ ଊର୍ଦ୍ଧ୍ୱ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ପାରାଦୀପରେ ଏୟାରଷ୍ଟ୍ରିପ ନିର୍ମାଣ ଲାଗି ପାରାଦୀପ ପୋର୍ଟ ଟ୍ରଷ୍ଟ, ଆଇଓସିଏଲ୍ ଏବଂ ବିପିସି ମଧ୍ୟରେ ବୁଝାମଣାପତ୍ର ଏହି ଦିନ ସ୍ୱାକ୍ଷର କରାଯିବ ବୋଲି ରଏ କହିଛନ୍ତି।

ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୯୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୦.୬ ମେଟ୍ରିକ ମିଲିୟନ ଟନ୍(ଏମ୍‌ଏମ୍‌ଟି) ଏଲପିଜି ଇମ୍ପୋର୍ଟ ଟର୍ମିନାଲ ସ୍ଥାପନ କରାଯାଉଛି। ସେହିଭଳି ୨୨ ଏକର ପରିମିତ ସ୍ଥାନରେ ବହୁମୁଖୀ କଣ୍ଟେନର ବର୍ଥ, ପାରାଦୀପ ରେଳ ଷ୍ଟେଶନର ନୂଆ ଭବନ, ଅଠରବାଙ୍କି ଆର୍‌ଆର୍‌ଆଇ, ଧୂଳିକଣା ନିୟନ୍ତ୍ରଣ ବ୍ୟବସ୍ଥା, ଛାତ ଉପର ସୌର ଶକ୍ତି ପ୍ଲାଣ୍ଟ ସହ ଅନ୍ୟ କେତେକ ପ୍ରକଳ୍ପ ସାମିଲ ରହିଛି। କାର୍ଯ୍ୟକ୍ରମ ଅବସରରେ ଏସ୍‌ଏଲ୍‌ସି ଇଡି(ଡି),ଡବ୍ଲ୍ୟୁବିଏସ୍‌ଓ ପ୍ରିତିଶ ଭରତ, ଆଇଓସିଏଲ୍‌ର ପେଟ୍ରୋକେମିକାଲ ମାର୍କେଟିଂ ସିଜିଏମ୍ ସୁଜୟ ଚୌଧୁରୀ,ଏସ୍‌ଇଆରପିଏଲ ସିଜିଏମ୍ (ଏଚ୍‌ଆର) ଏସ୍.ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଅନ୍ୟମାନେ।

■ **କାର୍ଯ୍ୟକ୍ରମରେ ଯୋଗଦେବେ ୩ କେନ୍ଦ୍ର ମନ୍ତ୍ରୀ**
■ **ପାରାଦୀପ ବନ୍ଦରରେ ବହୁମୁଖୀ ବର୍ଥ**
■ **୫,୬୫୪ କୋଟି ପୁଞ୍ଜି ବ୍ୟୟରେ ସ୍ଥାପନ ହେବ ଏମ୍‌ଇଜି ୟୁନିଟ**
■ **ବନ୍ଦର ଭିତ୍ତିକ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ, ଏୟାରଷ୍ଟ୍ରିପ ସମେତ ଅନ୍ୟାନ୍ୟ ପ୍ରକଳ୍ପ ସାମିଲ**
■ **ସୃଷ୍ଟି ହେବ ୨,୫୦୦ ପ୍ରତ୍ୟକ୍ଷ ନିଯୁକ୍ତି**

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ତିର୍ତ୍ତୋଲ,୪ା୨(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଷ୍ଟିମଲ୍ଲିକାପୁର ପଞ୍ଚାୟତ କେଉଟ ଗ୍ରାମର ସନ୍ଧ୍ୟାରାଣୀ ଦାସଙ୍କୁ ସେହି ଗ୍ରାମର କେତେଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ସଙ୍ଘବଦ୍ଧ ଆକ୍ରମଣ କରାଯାଇଛି। ତାଙ୍କୁ ରକ୍ଷା କରିବାକୁ ଯାଇ ସ୍ୱାମୀ ରାଜେନ୍ଦ୍ର ପ୍ରସାଦ ସିଂ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଦମ୍ପତିଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ.୩୨/୧୯ ରୁଜୁ କରି ତଦନ୍ତ ଚଳାଇଛି।

### ମଧୁବାବୁଙ୍କ ଶ୍ରାଦ୍ଧବାର୍ଷିକ

ନାଉଗାଁ,୪ା୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଛି। ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସୁନିଲ ମାଟିଆ, ସରୋଜ କୁମାର ଲେଙ୍କା, ଅଜୟ ସାହୁ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଆଦର୍ଶ ଓ ତ୍ୟାଗପୂତ ଜୀବନ ବିଷୟରେ ଆଲୋକପାତ କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣିରେ ୪୧ ଅଭିଯୋଗ



ଜିଲାପାଳ ଯାମିନୀ ଷଡଙ୍ଗୀ ଜନଶୁଣାଣି କରୁଛନ୍ତି।

ରଘୁନାଥପୁର, ୪ା୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ୪୧ ଅଭିଯୋଗ ହୋଇଥିଲା। ଜିଲାପାଳ ଯାମିନୀ ଷଡଙ୍ଗୀ ଓ ଏସ୍‌ପି ପ୍ରକାଶ ଆର ଉପସ୍ଥିତ ହୋଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଦାୟିତ୍ୱରେ ଥିବା ପିଡ଼ି କୃଷ୍ଣଚନ୍ଦ୍ର ପାଲ ପ୍ରମୁଖ ମଞ୍ଚାସୀନ ଥାଇ ଶୁଣାଣିରେ ସହଯୋଗ କରିଥିଲେ। ଶାନ୍ତି ଦେଇ ନାମ୍ନୀ ଜଣେ ମହିଳାଙ୍କୁ ଚକ୍ଷୁ ଚିକିତ୍ସା ପାଇଁ ରେଡ଼କ୍ରସ ପାଣ୍ଠିରୁ ୨ ହଜାର ଏବଂ ଅନ୍ୟ ଦୁଇଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଟିକିଣିଆ ସରପଞ୍ଚ ଶର୍ମିଷ୍ଠା ସ୍ୱାଇଁ ପଞ୍ଚାୟତରେ ବିପର୍ଯ୍ୟସ୍ତ ଭାବେ ପକାଯାଇଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନରେ ପକାଇବା ଏବଂ ବିଦ୍ୟାଧରପୁର ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକ ୧୧ ନଂ. ଓ୍ୱାର୍ଡ଼ ଦଳିତ ସାହିକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାଛଡ଼ା ଭତ୍ତା, ଇନ୍ଦିରାଆବାସ, ଜଳସେଚନ, ଜମିଜମା, ସ୍ୱାସ୍ଥ୍ୟସେବା, ଆର୍ଥିକ ସହାୟତା ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ସାଧାରଣଜନତାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଜନଶୁଣାଣି ସ୍ଥଳ ଶୂନ୍‌ଶାନ ପରିଲକ୍ଷିତ ହୋଇଥିବାବେଳେ କାଳିଆ ଯୋଜନା ଅର୍ଥ ପାଇଁ ବ୍ୟାଙ୍କ ସମ୍ମୁଖରେ ଲୋକଙ୍କ ଲମ୍ବା ଲାଇନ୍ ଲାଗି ରହିଥିବା ଦେଖାଯାଇଥିଲା। କାଳିଆ ଆଗରେ ସାଧାରଣ ଜନତାଙ୍କ ସମସ୍ୟା ମୂଲ୍ୟହୀନ ହୋଇପଡ଼ିଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଜନଶୁଣାଣିରେ ଜିଲା ଓ ବ୍ଲକସ୍ତରର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପାଇଁ ଭାଜପାର ପ୍ରସ୍ତୁତି

କୁଜଙ୍ଗ,୪ା୨(ସ୍ୱ.ପ୍ର.)

ପାରାଦୀପକୁ ଆସନ୍ତା ୬ ତାରିଖରେ ୩ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଫଳ କରିବାକୁ ଭାଜପାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା, ନେତା ଓ ସଂଗଠକମାନେ କୁଜଙ୍ଗ ହନୁମାନ ମନ୍ଦିରରେ ବୀରେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଏକତ୍ରିତ ହୋଇଥିଲେ। ପୂର୍ବଭାରତର ବିକାଶ ସହିତ ପାରାଦୀପରେ ୨୫ ହଜାର କୋଟି ପୁଞ୍ଜି ନିବେଶ ପାଇଁ ସେମାନେ ମୋଦିଙ୍କ ଉଦ୍ୟମକୁ ସ୍ୱାଗତ କରିଥିଲେ। ପୂର୍ବତନ ମଣ୍ଡଳ ସଭାପତି ମୀନକେତନ ଦାସ, ଲୋକସଭା ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ଜିଲା ସମବାୟ ପ୍ରକୋଷ୍ଠ ସଂଯୋଜକ ପ୍ରଦୀପ ନାୟକ, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ପବିତ୍ର ଗ୍ରହାଚାର୍ଯ୍ୟ, ବିଜୟ ମହାପାତ୍ର, ସୁରେଶ ପରିଜା, ଗୋପବନ୍ଧୁ ମହାରଣା, ଭାଗବତ ସାହୁ, ସଂଗ୍ରାମ ମହାନ୍ତି, ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଳକା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ବାଲିଆ,୪ା୨

ବିରିଡ଼ି ବ୍ଲକ ବସନ୍ତପୁରର ଅନନ୍ତବଟସ୍ଥିତ ଅଳକା ମହାବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ବେହେରା ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଶାନ୍ତ କିଶୋର ପରିଡା, ସଞ୍ଜୟ କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ଶିବ ମହାନ୍ତି, ସୁକାନ୍ତ ଦାସ, ସୁକାନ୍ତ ଶତପଥୀ, ପ୍ରମୋଦ ନାୟକ, ରୁଦ୍ର ନାରାୟଣ ମହାନ୍ତି, ଚୁମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ୱାର୍ଡ କମିଟି ବୈଠକ

ବିରିଡ଼ି/ବାଲିଆ,୪ା୨(ଡି.ଏନ.ଏ)

ବିରିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡିର ଓ୍ୱାର୍ଡ କମିଟି ଗଠନ ହୋଇଛି। ଗୋପୀନାଥପୁର ବାଲିଆଷ୍ଟୋରଠାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ବିଜେଡି ସଭାପତି ଅରବିନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସାଙ୍ଗଠନିକ ଆଲୋଚନା ସହ କମିଟି ଗଠନ କରାଯାଇଥିଲା। ଅରକ୍ଷିତ ବେହେରା, ମାଧବ ଭୋଇ, ସତ୍ୟନାରାୟଣ ସାହୁ, ମନୋଜ ପୃଷ୍ଟି, ମାନସ ବେହେରା, ଲକ୍ଷ୍ମଣ ବାରିକ, ନିରଞ୍ଜନ ବେହେରା, ଅଞ୍ଜନା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରୋଜିନୀ ସ୍ୱାଇଁ, ଆରତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଡଙ୍ଗଗଡ଼ ବିଜେଡିର ଓ୍ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଅକ୍ଷୟ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅଲେଖ ବାରିକ ସ୍ୱାଗତ ଭାଷଣ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଦେବେନ୍ଦ୍ରନାଥ ନାୟକ, ଗୋବିନ୍ଦ ଚରଣ ଦାସ, ସିନ୍ଧୁ ଚରଣ ଜେନା, ଅନନ୍ତ ନାରାୟଣ ଜେନା, ସନ୍ତୋଷ ରାୟ, ବିଷ୍ଣୁ ଚରଣ ଦାସ, ଅନୁପ ଦାସ, ରଜନୀକାନ୍ତ ସାହୁ, ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୁଢାପଡ଼ା ପଞ୍ଚାୟତରେ ପଞ୍ଚାୟତ ବିଜେଡି ସଭାପତି ନିହାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅଶୋକ ମହାନ୍ତି, କାଳନ୍ଦୀ ଭୋଇ, କମଳା ବେହେରା, କବିନ୍ଦ୍ର ପଟ୍ଟନାୟକ, ଶରତ ବେହେରା, ସୁରଜ ବିଶ୍ୱାଳ, ଦୀପକ ପାତ୍ର ଉପସ୍ଥିତ ଥିଲେ। ସଢେଇଶାସନ ପଞ୍ଚାୟତ ବିଜେଡି ସଭାପତି ଗୋପାଳ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନାରୀନେତ୍ରୀ ମମତା ଦାସ, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ସରପଞ୍ଚ ଅମିତ ରାଉଳ, ଗୋଲେଖ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ ରାଉତ, ବାବାଜୀ ସାହୁ, ଅଚ୍ୟୁତାନନ୍ଦ ସାହୁ, ରାକେଶ ରାୟ, ସମରଜିତ ରାଉତ, ଦିପୁନା ରାଉତ, ସନ୍ତୋଷ ବେହେରା ସହଯୋଗ କରିଥିଲେ। ଅଡଙ୍ଗ ମଜୁରାଇରେ ପଞ୍ଚାୟତ ବିଜେଡି ସଭାପତି ଅରବିନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରତିମା ରାୟ, ଆଶାଲତା ମିଶ୍ର, ଦେବେନ୍ଦ୍ର ମିଶ୍ର, କିଶୋର ମଲ୍ଲିକ, ବିନୋଦ ମଲ୍ଲ, ସୁଧାକର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବିଜେଡି କର୍ମୀମାନେ।

■ ଟ୍ରେନ ଧକ୍କାରେ ୪ ହରିଣ ମୃତ୍ୟୁ ଘଟଣା

## ବ୍ୟବଚ୍ଛେଦ କରାଇଲା ବନ ବିଭାଗ

ରଘୁନାଥପୁର, ୪ା୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ନିକଟରେ ରବିବାର ରାତିରେ ଟ୍ରେନ୍ ଧକ୍କାରେ ମୃତ ୪ ହରିଣ ମଧ୍ୟରୁ ୩ଟିର ମୃତଦେହ ବନ ବିଭାଗ ସୋମବାର ଉଦ୍ଧାର କରିଥିଲା। ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ସାଁପୁର ଗୋବିନ୍ଦାପୋଖରୀରେ ଥିବା ରେଞ୍ଜ ଅଫିସ ପରିସରରେ ପୋତି ଦିଆଯାଇଥିବା ରେଞ୍ଜ ଅଫିସର ରାଜେନ୍ଦ୍ର କୁମାର ସାମନ୍ତରାୟ କହିଛନ୍ତି। ରବିବାର ରାତି ୮ଟାରେ ହରିଣ ପଲ ଟ୍ରେନ୍ ଲାଇନର ଉଭୟପାର୍ଶ୍ୱର ଥିବା ଚାଷଜମିକୁ ଚରିବାକୁ ଯିବା ସମୟରେ ଏପରି ଦୁର୍ଘଟଣା ଘଟିଥିଲା। ପାରାଦୀପ ପଟୁ କଟକ ଅଭିମୁଖେ ଆସୁଥିବା ଏକ ମାଲବାହୀ ଟ୍ରେନ୍‌ରେ ହରିଣ ସବୁ ପିଟି ହୋଇ ଯାଇଥିବା ଚାଳକ ଗେଟମ୍ୟାନଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ହରିଣ ସବୁ ମରି ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବନ ବିଭାଗକୁ ଖବର ଦିଆଯିବା ପରେ ଫରେଷ୍ଟର ସାମନ୍ତରାୟ, ଗାର୍ଡ ମହାଦେବ ମୂଳିଆ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣଗୁଡ଼ିକୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ। ସୋମବାର ଅନୁଗୋଳ ଆଡିଶନାଲ ପିସିଏଫ ସୁଦର୍ଶନ ପଣ୍ଡା, ଡିଏଫଓ ଏସ.ଏମ.ଟି. ରହମନ, ରେଞ୍ଜର ବଳରାମ ସାହୁଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ଗଗନ ଚରଣ ନାୟକ ମୃତ ହରିଣଗୁଡିକର ବ୍ୟବଚ୍ଛେଦ କରିଥିଲେ।

### ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ

କୁଜଙ୍ଗ,୪ା୨(ସ୍ୱ.ପ୍ର.)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ଛାତ୍ରୀଛାତ୍ର ବିରୋଧୀ ନୀତିକୁ ବିରୋଧ କରି କୁଜଙ୍ଗ ବ୍ଲକ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଛି। ପାରାଦୀପ ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ସଭାପତି ତ୍ରିଲୋଚନ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବରିଷ୍ଠ ନେତା ପୀତାମ୍ବର ତରାଇ, କୁଜଙ୍ଗ ବ୍ଲକ୍ ବିଜୁ ଯୁବଜନତା ଦଳ ସଭାପତି ଦିଲୀପ ମହାପାତ୍ର, ଉପସଭାପତି ରାଜେନ୍ଦ୍ର ସାହୁ, ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ସ୍ମିତିରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର ଅଫିସ,୪ା୨

ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ସ୍ଥାନୀୟ ମାର୍କଣ୍ଡପୁରସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ମୁଖ୍ୟଅତିଥି, କଟକ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଯାଜପୁର ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଜଗତ୍‌ସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଦୋଳଗୋବିନ୍ଦ ଦାଶ, ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଭରତ ଚନ୍ଦ୍ର ସାହୁ ଅତିଥି ପରିଚୟ, ସୁରେନ୍ଦ୍ର ନାଥ ନନ୍ଦୀ ବାର୍ଷିକ ବିବରଣୀ ପାଠ, ସ୍ୱର୍ଣ୍ଣମୟୀ ଶତପଥୀ ମାନପତ୍ର ପଠନ ଓ ବୈରାଗୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୂଆ କରି ୱାଟର ଫିଲ୍‌ଟର ଓ କୁମରବର ପାଠାଗାର ଉଦ୍‌ଘାଟିତ ହୋଇଥିଲା। ଉତ୍ସବରେ ଶିକ୍ଷୟିତ୍ରୀ ପ୍ରେମଲତା ମାଣିଆ, ଯୋଗମାୟା ଦାଶ, ବୈଜୟନ୍ତୀ ତ୍ରିପାଠୀ, ସ୍ୱର୍ଣ୍ଣଲତା ବେହେରା, ମମତା ମହାନ୍ତି, ନିହାରିକା ମହାନ୍ତି, ଦୀପ୍ତିମୟୀ ପୃଷ୍ଟି, ଜୟନ୍ତୀ, ଦୀପ୍ତୀ, ଶିକ୍ଷକ ନିରଞ୍ଜନ ପଣ୍ଡା, ଚନ୍ଦ୍ରଭାନୁ ଷଡ଼ଙ୍ଗୀ, କେଶବାନନ୍ଦ ସାହୁ, ଶିକ୍ଷା କର୍ମଚାରୀ ରବୀନ୍ଦ୍ରନାଥ ଦାସ, ଶରତ ରାଉତ, ଦୁର୍ଗା ଚରଣ ମହଲା ଓ ରାଜେଶ ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅତିଥିମାନେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ତାଲିମ

ରଘୁନାଥପୁର, ୪ା୨(ଡି.ଏନ୍.ଏ.)

ନାବାର୍ଡ଼ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ ତଅଁରା ସାଳିଜଙ୍ଗାସ୍ଥିତ ନବଜ୍ୟୋତି ଯୁବ ସଭାକକ୍ଷରେ ୭ଦିନ ଧରି ଚାଲିଥିବା ଏସ୍‌ଏଚ୍‌ଜି ମହିଳାଙ୍କ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ତାଲିମ୍ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ନବଜ୍ୟୋତି କ୍ଲବର ସମ୍ପାଦକ କ୍ଷୀରୋଦ କୁମାର ଦାଶଙ୍କ ପରିଚାଳନାରେ ଆୟୋଜିତ ସଭାରେ ନାବାର୍ଡ଼ ଏଜିଏମ୍ ଶାନ୍ତି ପ୍ରକାଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ମହିଳା ନେଇଥିବା ତାଲିମକୁ କାର୍ଯ୍ୟରେ ଲଗାଇବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ସେ କହିଥିଲେ। ଏହି ଅବସରରେ ତାଲିମପ୍ରାପ୍ତ ୩୦ ଜଣ ମହିଳାଙ୍କୁ ସାତଦିନର ଟ୍ରେନିଂ କ୍ୟାମ୍ପରେ ଅନୁଭୂତି ରଖିବାକୁ ସେ ଆମନ୍ତ୍ରଣ କରିଥିଲେ। କଲ୍ୟାଣୀ ଗୋଚ୍ଛାୟତ, ସୋନାଲି ଜେନା ଓ ମନୋଜ ମଞ୍ଜରୀ ମିଶ୍ର ପ୍ରମୁଖ କତାରେ ନିର୍ମିତ ଖେଳନା, କତା ରଶି ଓ ବିଭିନ୍ନ ପ୍ରକାର ଆକର୍ଷଣୀୟ ଜିନିଷ ତିଆରି ସମୟର ଅନୁଭୂତି ବଖାଣି ଥିଲେ। ଏହାଛଡ଼ା ଗ୍ରୁପ୍ ସଞ୍ଚୟ ଜମାରୁ ଋଣ ଆଣି ପ୍ରଥମେ ସାମଗ୍ରୀ ପ୍ରସ୍ତୁତ କରିବା ପରେ, ଆବଶ୍ୟକତାକୁ ଉପଲବ୍ଧ କରି ବ୍ୟାଙ୍କରୁ ଋଣ ଉଠାଯିବ ବୋଲି ପ୍ରକାଶ କରିଥିଲେ। ଓରମାସର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ଦାସ, ରେଢୁଆ ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳକ ପ୍ରଭୁଦତ୍ତ ବାହିନୀପତି, ୟୁକୋ ବ୍ୟାଙ୍କ ଆର୍ଥିକ ସାକ୍ଷରତା ସଂଯୋଜକ ଅନାଦି ଚରଣ ଖୁଣ୍ଟିଆ, ଆର୍‌ଏସ୍‌ଇଟିଆଇର ନିର୍ଦ୍ଦେଶକ ଅନିଲ କୁମାର ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଋଣ ତଥା ମହିଳାଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ରୂପରେଖ ସମ୍ପର୍କରେ କହିଥିଲେ। କ୍ଲବର ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ଏଥିପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ତାଲିମଦାତ୍ରୀ ରାଜଶ୍ରୀ ସାହୁ ମହିଳାଙ୍କୁ କତା ତିଆରି ଜିନିଷ ଉପରେ ତାଲିମ ପ୍ରଦାନ କରିଥିବାବେଳେ, ଗ୍ରାମ୍ୟବ୍ୟାଙ୍କରେ ଆକାଉଣ୍ଟ ଥିବା ୧୨ ଜଣ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମହିଳାମାନେ କତାଶିଳ୍ପକୁ ଆଗେଇ ନେବାକୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏଜିଏମ୍ ମହାପାତ୍ର କହିଥିଲେ।


ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ଫେବୃୟାରୀ, ୨୦୧୯



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ଶିରିଡି ସାଇବାବା



# ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି

■ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଦେଇଥିଲେ ଧାରଣା
■ଥାନା ଅଧିକାରୀଙ୍କ ସମେତ ୪ ଆହତ
■୩ ଧାରଣାକାରୀ ଗିରଫ

ନୟାଗଡ଼ ଅଫିସ,୪।୨

ନୟାଗଡ଼ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତକୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସୁଫଳ ମିଳୁନି। ଏହାର ପ୍ରତିବାଦରେ ସୋମବାର ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦୀର୍ଘସମୟ ପରେ ମଧ୍ୟ ଜିଲାପାଳ ସେମାନଙ୍କ ଦାବିପତ୍ର ଗ୍ରହଣ କରିବାକୁ ଆସି ନ ଥିଲେ। ପରେ ଧାରଣାକାରୀ ଫାଟକ ତାଲା ଭାଙ୍ଗି କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଜିଲାପାଳଙ୍କ ଗାଡ଼ି ରହୁଥିବା ସ୍ଥାନରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ସେଠାରୁ ହଟିଯିବା ପାଇଁ କହିଥିଲା। ଏପରି କି ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା ମଧ୍ୟ କରିଥିଲେ। ହେଲେ ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଥିଲେ। ଏହାକୁ ନେଇ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ଓ ହାବିଲଦାର ରାଜୁ ବେହେରାଙ୍କ ସମେତ ଧାରଣାକାରୀଙ୍କ ମଧ୍ୟରୁ କୃଷକ ସଂଗଠକ ସନ୍ତୋଷ ପ୍ରଧାନ ଓ ସରପଞ୍ଚ ସୌମ୍ୟ ଆହତ ହୋଇଥିଲେ। ଥାନା ଅଧିକାରୀଙ୍କ ଅଭିଯୋଗକୁ ଭିତ୍ତି କରି ସୌମ୍ୟରଞ୍ଜନ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଫକୀର ବେହେରାଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୯/୧୯) ରୁଜୁ କରାଯାଇଥିବା ସେ କହିଛନ୍ତି।



ପୋଲିସ ଓ ଧାରଣାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି।

ସରପଞ୍ଚ ପ୍ରଧାନଙ୍କ ଅଭିଯୋଗ ଅନୁସାରେ ତାଙ୍କ ପଞ୍ଚାୟତକୁ ପ୍ରଶାସନିକସ୍ତରରେ ଅବହେଳା କରାଯାଉଛି। ଅବାଧ ନିଶା କାରବାର ହେଉଥିଲେ ମଧ୍ୟ ପୋଲିସ ଏହାକୁ ବନ୍ଦ କରିବାରେ ବିଫଳ ହୋଇଛି। ସେହିପରି ବାଲୁଗାଁ ସେବା ସମବାୟ ସମିତି ସମ୍ପାଦକ ନିର୍ଦ୍ଦିଷ୍ଟ କେତେକ ଗ୍ରାମର ଚାଷୀଙ୍କୁ ଋଣ ପ୍ରଦାନ କରିବାରେ ଅବହେଳା କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଥିଲେ ମଧ୍ୟ ତାହା କରାଯାଉ ନାହିଁ। ଲକ୍ଷ୍ମୀପ୍ରସାଦ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଇଟି ପଞ୍ଚାୟତ ଦାୟିତ୍ୱରେ ଥିବାରୁ ସେ କାର୍ଯ୍ୟ ସୁଚାରୁରୂପେ ତୁଲାଇପାରୁ ନାହାନ୍ତି। ତେଣୁ ଏହି ପଞ୍ଚାୟତରେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହେଉଥିଲେ ବି ତାହା ପୂରଣ ହୋଇପାରି ନାହିଁ। ଏହାକୁ ନେଇ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ପୂର୍ବରୁ ମଧ୍ୟ ଗତ ଅଗଷ୍ଟ ୪ ତାରିଖରେ ପଞ୍ଚାୟତର ଚାଷୀଙ୍କୁ ସମିତି ସମ୍ପାଦକମାନେ ହତାଦର କରୁଥିବା ଅଭିଯୋଗ କରି ପଞ୍ଚାୟତବାସୀ ନୟାଗଡ଼ ଏଆରସିଏସ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ଧାରଣା ଦେଇଥିବା ମହିଳାଙ୍କୁ ପୁରୁଷ ପୋଲିସ କର୍ମଚାରୀ ତଡି ତଡି ନେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଥିଲା।

## ସଂକ୍ଷେପରେ

### ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ନିକଟରୁ ଶାଗୁଆନ ଗଣ୍ଡି ଜବତ



**ଦଶପଲ୍ଲା,୪।୨(ଡି.ଏନ.ଏ.):** ଦଶପଲ୍ଲା କୁଆଁରିଆଠାରେ ଅବସ୍ଥିତ ମହାନଦୀ ବନ୍ୟପ୍ରାଣୀ ବିଭାଗ (ପୂର୍ବ) ବନାଞ୍ଚଳ କାର୍ଯ୍ୟାଳୟ ନିକଟରୁ ଦଶପଲ୍ଲା ବନବିଭାଗ ୩ ଶାଗୁଆନ ଗଣ୍ଡି ଜବତ କରିଛି। ରବିବାର ବନକର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେତେବେଳକୁ କାଠ ଚୋରମାନେ ସେଠାରୁ ଖସି ପଳାଇଥିଲେ। ପରେ ବନ କର୍ମଚାରୀ ଶାଗୁଆନ ଗଣ୍ଡି ଜବତ କରିଥିଲେ। ଏହାର ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ଓଡ଼ଗାଁ,୪।୨(ସ୍ୱ.ପ୍ର.):** ଓଡଗାଁ ନିକଟ ପଣ୍ଡିଖାରୀ ବଲପଦା ସାହିରେ ତିନିଦିନ ବ୍ୟାପୀ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରଠାରୁ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ସଂସ୍କାର ଯଜ୍ଞ ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ସହିତ ଉଦ୍‌ଯାପିତ ହୋଇଛି। ଏଥିରେ ଆଖପାଖ ପ୍ରାୟ ୨୦ ଖଣ୍ଡ ମୌଜାର ବାସିନ୍ଦା ଅଂଶଗ୍ରହଣ କରିଥିଲେ। ଦୀକ୍ଷା ସଂସ୍କାର ୨୨, ମୁଣ୍ଡନ ସଂସ୍କାର ୩, ପୁଂଶମନ ସଂସ୍କାର ୩ ଓ ବିଦ୍ୟାରମ୍ଭ ସଂସ୍କାର ୮ ମହିଳାପୁରୁଷଙ୍କ ଅନୁଷ୍ଠିତ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପଦ୍ମଲୋଚନ ବିଷୋୟୀ ଓ ଶାନ୍ତିଲତା ବିଷୋୟୀଙ୍କ ଦ୍ୱାରା ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଗାୟତ୍ରୀ ପରିବାର ଓଡ଼ଗାଁ, ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରି କର୍ମକର୍ତ୍ତାଙ୍କ ସହିତ ନାରାୟଣ ଜେନା, ଗୋବିନ୍ଦ ପଣ୍ଡଙ୍ଗ ଓ ବେଲପଦା ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ଶରଣକୁଳରେ ବିଶ୍ୱଶାନ୍ତି ମହାଯଜ୍ଞ

**ନୟାଗଡ଼ ଅଫିସ,୪।୨:** ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ପୂର୍ଣ୍ଣାହୁତି ହୋଇଛି। ଗୁରୁବାର ସେବାୟତ ସଂଘ କର୍ମକର୍ତ୍ତାଙ୍କ ସହିତ ଶ୍ରଦ୍ଧାଳୁମାନେ କୁସୁମୀ ନଦୀରୁ ୧୦୮ କଳସ ଜଳ ଆଣି ଲଡୁବାବାଙ୍କ ସିଂହଦ୍ୱାରସ୍ଥିତ ଯଜ୍ଞ ପୀଠଠାରେ ପହଞ୍ଚିଥିଲେ। ପୀଠରେ ଘଟସ୍ଥାପନା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ସୋମବାର ହଜାର ହଜାର ଭକ୍ତଙ୍କ ଗହଣରେ ମହାଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଲଡୁବାବା ମନ୍ଦିରର ସମସ୍ତ ସେବାୟତ, ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଲୋକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆରଡିସିସି କ୍ରିକେଟ୍ କପ୍
# ଡଙ୍କାରିସାହିକୁ ହରାଇ ଗଣିଆ ଚାମ୍ପିୟନ୍

ଗଣିଆ,୪।୨(ଡି.ଏନ.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗ୍ରାମ ଆରଡିସିସି କ୍ରିକେଟ କପ୍‌ର ସୋମବାର ଫାଇନାଲ ମ୍ୟାଚରେ ଡଙ୍କାରିସାହି କ୍ରିକେଟ ଟିମ୍‌କୁ ୧୦୮ ରନରେ ହରାଇ ଗଣିଆ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ଡଙ୍କାରିସାହି କ୍ରିକେଟ ଟିମ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପରେ ଗଣିଆ କ୍ରିକେଟ ଟିମ୍ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ୨୦ ଓଭରରେ ୨୦୮ରନ ସଂଗ୍ରହ କରିଥିଲା। ଜବାବରେ ଡଙ୍କାରିସାହି କ୍ରିକେଟ ଟିମ୍ ୧୨.୩ ବଲ୍‌ରେ ସମସ୍ତ ଉଇକେଟ ହରାଇ ୧୦୦ରନ୍ ସଂଗ୍ରହ କରିପାରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଗଣିଆ ଆଡଭାନ୍ସ ଟ୍ୟୁଟୋରିଆଲର ପରିଚାଳନା ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଦଳ ତରଫରୁ ରନର୍ସ ଅପ୍ ଡଙ୍କାରିସାହି ଓ ଚାମ୍ପିୟନ୍ ଗଣିଆ ଦଳକୁ ୩ହଜାର ଓ ୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ମ୍ୟାନ ଅଫ ଦି ସିରିଜ୍ ଓ ମ୍ୟାନ ଅଫ ଦି ମ୍ୟାଚ ଭାବେ ଗଣିଆ ଟିମ୍‌ର ଦିନେଶ ବେହେରା, ବେଷ୍ଟ ବୋଲର ସମୀର କୁମାର ବହେରା, ବେଷ୍ଟ କ୍ୟାଚର ଅମରେଶ ନାୟକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ସମୀର କୁମାର ବେହେରା ଓ ଜ୍ଞାନରଞ୍ଜନ ସାମଲ।




ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ନାବାଳିକା ହତ୍ୟାକାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଭାପୁର,୪।୨(ଡି.ଏନ୍.ଏ.)

ଫତେଗଡ ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ସୋମବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫତେଗଡ଼ ଥାନା ନିମାଣୀ ଗ୍ରାମର ସରୋଜ କୁମାର ସେଠୀଙ୍କ ବଡ଼ ଝିଅ ସାଇ ସ୍ୱାଗତିକା ସେଠୀ (୮) ସେହି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ୩ୟ ଶ୍ରେଣୀରେ ପଢୁଥିଲେ। ଗତ ଡିସେମ୍ବର ୨୦ ତାରିଖରେ ଗ୍ରାମରେ ଯାତ୍ରା ଚାଲିଥିବା ବେଳେ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହାର ୨ଦିନ ପରେ ଗ୍ରାମ ପୋଖରୀରୁ ତାଙ୍କ ମୃତଦେହ ମିଳିବା ପରେ ଏହା ହତ୍ୟାକାଣ୍ଡ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଦୀର୍ଘ ୪୫ ଦିନ ପରେ ପୋଲିସ ତଦନ୍ତ ନ ଆଗେଇବା ଓ ବ୍ୟବଚ୍ଛେଦ ରିପୋର୍ଟ ନ ଆସିବା ଯୋଗୁ ଏହା ପ୍ରତିବାଦରେ ଗ୍ରାମବାସୀ ପୂର୍ବ ସୂଚନା ମୁତାବକ ଭାପୁର ବଜାରରେ ସକାଳ ୧୦ଟା ୩୦ ମିନିଟ୍‌ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣାରେ ବସି କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ସନ୍ଧ୍ୟାରେ ନୟାଗଡ଼ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ତହସିଲଦାର ତୃପ୍ତି ମହାନ୍ତି, ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି ଓ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ହୋଇଥିଲା। ମଙ୍ଗଳବାରଠାରୁ ତଦନ୍ତ ତ୍ୱରାନ୍ୱିତ ହେବା ସହ ତୁରନ୍ତ ଦୋଷୀଙ୍କୁ ଧରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ଭାପୁର ବଜାରରେ ରାସ୍ତା ଅବରୋଧ କରାଯାଇଛି।

# ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୪।୨

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଓ ଏସ୍‌ପି ଶଶିଭୂଷଣ ଶତପଥୀ ଉଦ୍‌ଘାଟନ କରିଥିଲେ। ପରେ ଦୁଇ ପଦାଧିକାରୀ ବାଇକ୍ ଆରୋହୀମାନଙ୍କୁ ଲିଫ୍‌ଲେଟ ବଣ୍ଟନ କରିବା ସହ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଏହି ରଥ ସପ୍ତାହ ବ୍ୟାପୀ ଅର୍ଥାତ୍ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକରେ ବୁଲି ଲୋକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇବ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ରାସ୍ତାରେ ଯାଉଥିବା ବାଇକ୍ ଆରୋହୀ ଓ କାର୍ ଚାଳକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବାଇକ୍ ଆରୋହୀଙ୍କୁ ହେଲମିଟ୍ ପିନ୍ଧି ବାଇକ୍ ଚାଳନା କରିବା ପାଇଁ କହୁଥିଲା ବେଳେ କାରରେ ଯାଉଥିବା ଯାତ୍ରୀଙ୍କୁ ସିଟ୍‌ବେଲ୍ଟ ପିନ୍ଧିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ସହରରେ ଏକ ମୋଟରସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରଟିଓ ପ୍ରତାପ ପ୍ରୀତିମୟ, ଜିଲା ଘରୋଇ ବସ୍ ଆସୋସିଏଶନ୍‌ର ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ଶେଖ୍ ୟୁସୁଫ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ଜଣେ ଲୁନା ଆରୋହୀଙ୍କୁ ବୁଝାଉଛନ୍ତି।

## ସିଆଣ୍ଡି ଗ୍ରାମ ପଞ୍ଚାୟତ ପୁରସ୍କୃତ

କୃଷ୍ଣପ୍ରସାଦ,୪।୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମକୁ ସଫଳ ଓ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି ପିଠା କାର୍ଯ୍ୟକ୍ରମ। ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ ମାଧ୍ୟମରେ ସମସ୍ତ ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେବେ କୃଷ୍ଣପ୍ରସାଦ ବ୍ଲକସ୍ଥିତ ସିଆଣ୍ଡି ଗ୍ରାମ ପଞ୍ଚାୟତ ପିଠାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସରପଞ୍ଚ ଅନିତା ନାୟକଙ୍କୁ ମାନପତ୍ର ପ୍ରଦାନପୂର୍ବକ ସମ୍ମାନିତ କରିଛନ୍ତି। ପଞ୍ଚାୟତକୁ ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା ମିଳିବା ନେଇ ଜିଲାପାଳ ଘୋଷଣା କରିଛନ୍ତି। ସଭାରେ ଜିଲାପାଳ ଜ୍ୟୋତି ପ୍ରକାଶ ମିଶ୍ର, ପୁରୀ ଆରକ୍ଷୀ ଅଧୀକ୍ଷକ ସାର୍ଥକ ଷଡ଼ଙ୍ଗୀ, ପି.ଡି. ଉଦ୍ଧବ ଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାରମ୍ ପ୍ରତିଯୋଗିତା, ସୋରଣ ଚାମ୍ପିୟନ୍

ନିରାକାରପୁର,୪।୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ରାମେଶ୍ୱର କ୍ୟାରମ୍ କ୍ଲବ୍ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ କ୍ୟାରେମ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସୋମବାର ଫାଇନାଲ୍ ମ୍ୟାଚ୍‌ରେ ସୋରଣ କ୍ୟାରମ୍ କ୍ଲବ୍ ଓ କାଲୁପଡ଼ା କ୍ୟାରମ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଲୁପଡ଼ା ଦଳ ସୋରଣକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି। ରାମେଶ୍ୱର ସରପଞ୍ଚ ପ୍ରମୋଦ କୁମାର ତ୍ରିପାଠୀ ଓ ସମବାୟ ସମିତିର ସଭାପତି ସୁଧାଂଶୁ ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## କଲେଜ ପରିସରରେ ଭିଡିଓ ଶୁଟିଂକୁ ବିରୋଧ
# ୨ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ



ଗୁରୁତର ଆହତ ୨ ଭାଇ।

ଭାପୁର,୪।୨(ଡି.ଏନ୍.ଏ.)

କଲେଜ ପରିସରରେ କିଛି ଝିଅପୁଅ ସାଙ୍ଗ ହୋଇ ବସିଥିବା ବେଳେ ଅନ୍ୟଜଣେ ଯୁବକ ଏହାର ଭିଡିଓ ଶୁଟିଂ କରିଥିଲେ। ହେଲେ ଏହାକୁ ବିରୋଧ କରିବାକୁ ଯାଇ ଜଣେ ଯୁବକ ଓ ତାଙ୍କ ଭାଇ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଦୁଇଭାଇଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରେ ସୋମବାର ଏହି ଅଭାବନୀୟ ଘଟଣା ଘଟିଛି।

ଖବର ନେବାରୁ ଜଣାପଡିଛି ଯେ, ଭାପୁର ବ୍ଲକ ବାଇଗୁଣିଆ ଗ୍ରାମଠାରେ ରହିଛି ପଠାଣୀ ସାମନ୍ତ ମହାବିଦ୍ୟାଳୟ। ଗତ ସପ୍ତାହରେ କଲେଜ ପରିସରରେ ଯୁକ୍ତ ୩ ଦ୍ୱିତୀୟବର୍ଷ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଶୁଭାଶିଷ ତ୍ରିପାଠୀ ଓ ତାଙ୍କର କିଛି ପୁଅଝିଅ ସାଙ୍ଗ ବସିଥିଲେ। ଏହି ସମୟରେ ଉକ୍ତ କଲେଜ ଛାତ୍ର ଗଣେଶ ନାୟକ ଭିଡିଓ ଶୁଟିଂ କରିବାରୁ ଶୁଭାଶିଷ ଏହାକୁ ବିରୋଧ କରିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ପରେ ଶୁଭାଶିଷଙ୍କ ବାପା ନାରାୟଣ ତ୍ରିପାଠୀ ରବିବାର ବାଇଗୁଣିଆ ଗ୍ରାମକୁ ଯାଇ ଗଣ୍ଡଗୋଳ କରିଥିବା ଯୁବକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧିଙ୍କ ସହ କିଛି ଭଦ୍ରବ୍ୟକ୍ତି ବସି ସମସ୍ୟାର ସମାଧାନ କରିଥିଲେ। ମାତ୍ର ସୋମବାର ମଧ୍ୟାହ୍ନରେ ଶୁଭାଶିଷ, ତାଙ୍କ ବଡ଼ଭାଇ ଦେବାଶିଷ ତ୍ରିପାଠୀ (୨୨) ଓ କେତେଜଣ ସାଙ୍ଗ କଲେଜ ସମ୍ମୁଖରେ ଠିଆ ହୋଇଥିଲା ବେଳେ ବାଇଗୁଣିଆ ଗ୍ରାମର ୩ଜଣ ଯୁବକ ପହଞ୍ଚି ଦୁଇଭାଇଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ଏଥିରେ ଦେବାଶିଷଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଥିବା ବେଳେ ଶୁଭାଶିଷଙ୍କ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେମାନଙ୍କୁ ଖଣ୍ଡପଡ଼ା ଓ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ପଠାଯାଇଛି। ଏ ନେଇ ନାରାୟଣ ତ୍ରିପାଠୀ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଫେରାର ଅଭିଯୁକ୍ତ ଗିରଫ ହୋଇ ଜେଲ ଗଲେ

ଓଡ଼ଗାଁ,୪।୨(ସ୍ୱ.ପ୍ର.)

୨୦୧୬ ମସିହାରେ ଏକ ଚାଷ କାମରେ ବ୍ୟବହୃତ ମେଶିନ ଚୋରି ଅଭିଯୋଗରେ ଫେରାର ଅଭିଯୁକ୍ତଙ୍କୁ ଓଡଗାଁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଲିଙ୍ଗରାଜ ପ୍ରସାଦ ଗ୍ରାମର କୈଳାସ ମହାନ୍ତି(୩୦)। କୈଳାସ ଏହି ମାମଲାରେ କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କୁ ଗିରଫ କରିବାକୁ ଅଦାଲତରୁ ଗିରଫ ପରୱାନା ଜାରି ହୋଇଥିଲା।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
# ମୋଟ ୨୭୫ ଅଭିଯୋଗ ଶୁଣିଲେ

ନୟାଗଡ଼ ଅଫିସ,୪।୨

ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗଦେଇ ମୋଟ ୨୭୫ ଅଭିଯୋଗ ଶୁଣାଣି କରିଥିଲେ। ୨୫୭ ବ୍ୟକ୍ତିଗତ ସମସ୍ୟା ହୋଇଥିବାବେଳେ ୯ ଗ୍ରାମ ସମସ୍ୟା, ୮ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଓ ୧ଟି ରେଡ୍‌କ୍ରସ୍‌ରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ଜିଲାପାଳ ନାୟକ ୨୨୯ ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ୩ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪୦ ହଜାର ଟଙ୍କା ଓ ଜିଲା ରେଡ୍‌କ୍ରସ୍ ଫଣ୍ଡରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ସନ୍ତୋଷୀ ସାହୁ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଦାୟିତ୍ୱରେ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

# ରାସ୍ତାରେ ବାଲି ଗଦା: ଦୁର୍ଘଟଣା ବୃଦ୍ଧି

ଖଣ୍ଡପଡା, ୪।୨(ସ୍ୱ.ପ୍ର.)

କଟକ ଓ ନୟାଗଡ ଜିଲା ସୀମାନ୍ତରେ ଅବସ୍ଥିତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଥାନରେ ଗଦା ହୋଇଥିବା ବାଲି ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଏପରିକି ଅନେକ ସମୟରେ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ଦିନ ତଳେ କେତେକ ପର୍ଯ୍ୟଟକ ଏକ ଅଟୋରେ ଗୋକୁଳାନନ୍ଦ ଜୀଉଙ୍କୁ ଦର୍ଶନରେ ଆସିଥିବା ବେଳେ ରାସ୍ତା ଉପରେ ଗଦା ହୋଇ ରହିଥିବା ବାଲିରେ ଖସି ଓଲଟି ପଡିଥିଲା। ବାରମ୍ବାର ସ୍ଥାନୀୟ ଜନସାଧାରଣ ଏ ସମ୍ପର୍କରେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି।



ବାଲି ପଡ଼ିଥିବା ରାସ୍ତା।

ସୂଚନାଯୋଗ୍ୟ ଯେ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ ରାଜ୍ୟ ମାନଚିତ୍ରରେ ପ୍ରମୁଖ ସ୍ଥାନରେ ରହିଛି। ମହାନଦୀ କୂଳରେ ତଥା ବଣ ଜଙ୍ଗଲ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଏହି ପୀଠକୁ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ବଣଭୋଜି ତଥା ଶ୍ରୀ ଜୀଉଙ୍କୁ ଦର୍ଶନ ପାଇଁ ବିଭିନ୍ନ ଯାନବାହନରେ ଆସିଥାନ୍ତି। ପାହାଡ ଓ ମହାନଦୀ ପାର୍ଶ୍ୱରେ ଅବସ୍ଥିତ ଏହି ରାସ୍ତା ଚାଳକ ମାନଙ୍କ ପାଇଁ ଅନେକ ସମୟରେ ବିପଦର କାରଣ ହୋଇଥାଏ। ବିଶେଷ କରି ରାସ୍ତାର ମରାମତି ପାଇଁ ନିଯୁକ୍ତ ଠିକାଦାର ଜମା କରିଥିବା ବାଲି କ୍ରମଶଃ ଖସି ରାସ୍ତା ଉପରେ ଗଦା ହୋଇଛି। କାର୍ଯ୍ୟ ସମ୍ପନ୍ନରେ ବିଳମ୍ବତା ଯୋଗୁ ବାଲି ଖସି ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଇଂ. ନାରାୟଣ ସେଠୀଙ୍କୁ ପଚାରିବାରୁ ସେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

# ୩ ବର୍ଷ ବିତିଲା
# ୭ ହଜାର ଚାଷୀଙ୍କୁ ମିଳିଲାନି ମରୁଡ଼ି ସହାୟତା ରାଶି

**ରଣପୁର,୪।୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ତହସିଲରେ ୨୦୧୫ ମସିହାରୁ ଚାଷୀମାନେ ମରୁଡ଼ି ସହାୟତା ରାଶି ପାଇବାକୁ ଥିଲାବେଳେ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏ ଯାଏଁ ଅର୍ଥ ପାଇ ନାହାନ୍ତି। ଏନେଇ ବିଭିନ୍ନ ସମୟରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହିତ ଧାରଣା ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ସୋମବାର ଅନୁଦାନ ରାଶିରୁ ବଞ୍ଚିତ ହୋଇଥିବା ଶତାଧିକ ଚାଷୀ ରଣପୁର ତହସିଲ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦେଇଛନ୍ତି । ଅପରପକ୍ଷେ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ସେମାନଙ୍କୁ ସ୍ୱାବଲମ୍ବୀ କରୁଥିଲା ବେଳେ ଏଠାକାର ଚାଷୀମାନେ ମରୁଡ଼ି ଘୋଷଣାର ଅନୁକମ୍ପା ରାଶି ପାଇପାରୁ ନାହାନ୍ତି ।

ପ୍ରକାଶ ଯେ, ରଣପୁର ତହସିଲ ଅଧୀନରେ ଥିବା ଚାଷ ଜମିଗୁଡିକ ୨୦୧୫ ମସିହାରେ ବର୍ଷା ଅଭାବରୁ ମରୁଡ଼ି ଘୋଷଣା କରାଯାଇଥିଲା। ବିଭାଗ ତରଫରୁ ତଦନ୍ତ କରାଯାଇ ତହସିଲ ଅଧୀନରେ ଥିବା ୩୩ ହଜାର ୩୪୬ଜଣ ଚାଷୀ କ୍ଷତିପୂରଣ ପାଇବା ପାଇଁ ଏକ ତାଲିକା କରାଯାଇଥିଲା। ଏହା ବାବଦକୁ ୧୦କୋଟି ୭୫ଲକ୍ଷ ୮୦ ହଜାର ୬୩୮ଟଙ୍କା ଦରକାର ପଡୁଥିଲା ବେଳେ ରାଜ୍ୟ ସରକାରଙ୍କ ଏସଆରସି ତରଫରୁ ପ୍ରଥମ କିସ୍ତିରେ ୧୦କୋଟି ୩୬ଲକ୍ଷ ୯୩ହଜାର ୨୮୯ ଟଙ୍କା ମଞ୍ଜୁର କରାଯାଇ ୨୬ହଜାର ୨୭୬ ଜଣ ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ବଣ୍ଟନ କରାଯାଇଥିଲା । ଅବଶିଷ୍ଟ ୭ହଜାର ୭୦ଜଣ ଚାଷୀଙ୍କ ନାମ ଏହି ମରୁଡି ତାଲିକାରେ ଥିଲେ ମଧ ସେମାନେ ପାଇପାରି ନାହାନ୍ତି। ଏନେଇ ବିଭିନ୍ନ ସମୟରେ ସେମାନେ ନୟାଗଡ ଜିଲାପାଳ, ରଣପୁର ତହସିଲଦାରଙ୍କୁ ଜଣାଇଥିଲେ ମଧ ରାଜକୋଷରେ ଅର୍ଥ ନ ଥିବା କହି ସେମାନଙ୍କୁ ପ୍ରସାଶନ ଭୂଟେଇ ଆସୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାକୁ ବିରୋଧ କରି ମଝିଆଖଣ୍ଡ ପଞ୍ଚାୟତର ସିନ୍ଦୁରିଆ ମୌଜାର ଶତାଧିକ ଚାଷୀ ଓଡିଶା କୃଷକ ସଭା ରଣପୁର ବ୍ଲକ କମିଟିର ସଭାପତି ହରିଶ୍ଚନ୍ଦ୍ର ମିଶ୍ର,ନରସିଂହପୁର ସରପଞ୍ଚ ନିତ୍ୟାନନ୍ଦ ପରିଡା, ସୁଶୀଲ ପ୍ରଧାନ, ଖଇରପଲ୍ଲୀ ପଞ୍ଚାୟତର ସମିତି ସଭ୍ୟ ଦୁଃଶାସନ ଜେନାଙ୍କ ନେତୃତ୍ୱରେ ରଣପୁର ପଞ୍ଚୁଦୋଳ ପଡିଆ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଚାଷୀ ଧାରଣାରେ ବସିଛନ୍ତି।

## ତହସିଲ ଆଗରେ ଧାରଣା

ପ୍ରଦର୍ଶନ କରି ଧାରଣା ଦେଇଥିଲେ। ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ତହସିଲର ଅନ୍ୟ ଚାଷୀମାନେ ମରୁଡ଼ି କ୍ଷତିଗ୍ରସ୍ତ ଟଙ୍କା ପାଇଥିଲା ବେଳେ ସେମାନଙ୍କୁ କାହିଁକି ପ୍ରଦାନ କରାଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଷୀମାନେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିଛନ୍ତି। ଏ ସମ୍ପର୍କରେ ରଣପୁର ବିଧାୟକ ରବିନାରାୟଣ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଚାଷୀମାନେ ୨୦୧୫ମସିହାରୁ ମରୁଡି ସହାୟତା ରାଶି ପାଇ ପାରି ନ ଥିବା ବିଷୟରେ କେବେ ହେଲେ ମୋତେ ଜଣାଇନାହାନ୍ତି। ଏ ବିଷୟରେ ଜଣାଇଲେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ସେମାନେ କିଭଳି କ୍ଷତିପୂରଣ ଅର୍ଥ ପାଇବେ ବ୍ୟବସ୍ଥା କରିବି । ରଣପୁର ତହସିଲଦାର ମାନସ ରଞ୍ଜନ ରାୟ କୁହନ୍ତି, ୨୦୧୫ ମସିହାରେ ୭ହଜାର ୬୭ ଜଣ ଚାଷୀ କୌଣସି କାରଣରୁ ମରୁଡି ସହାୟତା ରାଶି ପାଇପାରି ନାହାନ୍ତି। ଏ ନେଇ ବିଭିନ୍ନ ସମୟରେ ତହସିଲ କାର୍ଯ୍ୟାଳୟ ତରଫରୁ ଜିଲାପାଳଙ୍କୁ ଅବଗତ କରାଯାଇଛି । ଏସଆରସି ଅର୍ଥ ନ ଦେବାରୁ ଚାଷୀମାନେ ଏହି ଟଙ୍କା ପାଇପାରୁନାହାନ୍ତି।

# କେନ୍ଦ୍ର ବିରୋଧରେ ଦସ୍ତଖତ ଅଭିଯାନ



ଦସ୍ତଖତ ଅଭିଯାନରେ ସାମିଲ ଛାତ୍ରୀଛାତ୍ର।

**ଖଣ୍ଡପଡା,୪।୨(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ବିଜେଡି ପକ୍ଷରୁ ସୋମବାର ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ଖଣ୍ଡପଡାର ବିଭିନ୍ନ ଅଞ୍ଚଳ ତଥା ଶିକ୍ଷାନୁଷ୍ଠାନରୁ ୫ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇଥିବା ଜିଲା ବିଜେଡି ସଭାପତି ରମେଶ କୁମାର ସାହୁ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ତଥା ଯୋଜନା ପ୍ରସ୍ତୁତ କରୁଥିବା ବେଳେ କେନ୍ଦ୍ର ସରକାର ଏ ଦିଗରେ ବୈମାତୃକ ମନୋଭାବ ପୋଷଣ କରୁଥିବା ଜଣା ଯାଇଛି । ରାଜ୍ୟରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଛାତ୍ରବୃତ୍ତିର ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଇଥିବା ବେଳେ ପୂର୍ବରୁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ୯୦ ପ୍ରତିଶତ ଛାତ୍ରବୃତ୍ତି ଏବେ ୨୦ ପ୍ରତିଶତରେ ସୀମିତ ରହିଛି । ଯାହାକି ଅନୁସୂଚିତ ଜାତି ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ୟାୟ ବୋଲି ବିଜୁ ଛାତ୍ର ଜନତା ଦଳ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ସାରା ରାଜ୍ୟରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ସୋମବାର ଖଣ୍ଡପଡା ଯୁବ ଜନତା ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟ, ବ୍ଲକ ଓ ଏନଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡରୁ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ ଜିଲା ବିଜୁ ଯୁବ ଜନତା ଦଳ ସଭାପତି, ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ଆଇଟି ମେମ୍ବର ନୀଳମାଧବ ପଣ୍ଡା, ଖଣ୍ଡପଡା ବିଜୁ ଯୁବ ଜନତାଦଳ ସଭାପତି ବିନାୟକ ସାହୁ, ଛାତ୍ର ଜନତାଦଳ ସଭାପତି ବର୍ଷା ନାୟକ, କଣ୍ଟିଲୋ ବିଜୁ ଜନତା ଦଳ ସଭାପତି ମାଧବ ଚନ୍ଦ୍ର ସାହୁ, ବାଣପୁର ସମିତି ସଭ୍ୟ ସଦାନନ୍ଦ ପ୍ରଧାନ ଏବଂ ବିଭିନ୍ନ ଅଞ୍ଚଳର ବିଜୁ ଯୁବ ବାହିନୀର ସଭାପତିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମହିଳାଙ୍କୁ ଗାଳିଗୁଲଜ କରି ଜଣେ ଗିରଫ

**ଓଡ଼ଗାଁ,୪।୨(ସ୍ୱ.ପ୍ର.)**

ବିଳମ୍ବିତ ରାତିରେ ପଡୋଶୀ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ଓଡଗାଁ ପୋଲିସ ଏହି ଥାନା ଅନ୍ତର୍ଗତ ସୁନାମୁହିଁ ବାରିସାହିର ସନ୍ତୋଷ ସାହୁ(୨୭)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ସେହି ଗ୍ରାମର ସୌଭାଗ୍ୟ ମଞ୍ଜରୀ ଜେନା(୩୦) ରବିବାର ରାତି ପ୍ରାୟ ୧୧ଟାରେ ପରିସ୍ରା କରିବାକୁ ଉଠିଥିବା ବେଳେ କୌଣସି କାରଣରୁ ସନ୍ତୋଷ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସୌଭାଗ୍ୟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

# ନବନିର୍ମାଣ କୃଷକ ସଂଗଠନର ଭୁବନେଶ୍ୱର ଚାଲ ବୈଠକ

**ରଣପୁର,୪।୨(ସ୍ୱ.ପ୍ର.)**

ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ଆସନ୍ତା ୬ ତାରିଖ ଭୁବନେଶ୍ୱର ଚାଲ ଡାକରା ଦେଇଛି। ଏ ନେଇ ବରିଷ୍ଠ ଆଇନଜୀବୀ ତଥା ନବନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ରଣପୁର ରଘୁନାଥପୁର ଶିମିଳି ପୀଠ ନିକଟରେ ରବିବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ, କାଉନସିଲର ସତ୍ୟରଞ୍ଜନ ମତା, କୃଷକ ନେତା ବ୍ରଜ କିଶୋର ସ୍ୱାଇଁ, ରାମଚନ୍ଦ୍ର ନାୟକ, ମମତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ କୃଷକ ମାନଙ୍କର ପ୍ରାଇସ୍, ପ୍ରେଷ୍ଟିଜ ଓ ପେନସନକୁ ଦୋହରାଇବା ସହ ଶହୀଦ ଯବାନଙ୍କ ଶେଷକୃତ୍ୟ ସମୟରେ ଯେଉଭଳି ଜାତୀୟ ପତାକା ଘୋଡାଯାଇଥାଏ ସେହିଭଳି କିଷାନମାନଙ୍କ ବିୟୋଗରେ ତାଙ୍କ ମରଶରୀରରେ ଜାତୀୟ ପତାକା ଘୋଡାଇବା ପାଇଁ ସେମାନେ ଦାବି କରିଛନ୍ତି। ଏହି ବୈଠକରେ ବହୁ କୃଷକ ନେତା ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ
# ସେମିରେ ଷ୍ଟାର କ୍ରିକେଟ୍ କ୍ଲବ ଆଠଗଡ଼

**ଗଣିଆ,୪।୨(ଡି.ଏନ.ଏ.)**

ଗଣିଆ ବ୍ଲକର ଗଣିଆସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ସୋମବାର ୧୦ମ ବାର୍ଷିକ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଷ୍ଟାର କ୍ରିକେଟ କ୍ଲବ ଆଠଗଡ ବିଜୟୀ ହୋଇଛି । ଷ୍ଟାର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୮୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଡ୍ରିମ୍ ବଏଜ ଖୋର୍ଦ୍ଧା ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଡେପୁଟି ଡାଇରେକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ବିଜୟୀ ଦଳର ଆସିଫ୍ ହୁସେନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ପ୍ରଫୁଲ୍ଲ ମହାରଣା ଓ ତ୍ରିଲୋଚନ ବସ୍ତି ଖେଳ ପରିଚାଳନା କରିଥିଲେ । ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ଓ ଷ୍ଟାର କ୍ରିକେଟ ଆଠଗଡମଧ୍ୟରେଅନୁଷ୍ଠିତହେବବୋଲିଆୟୋଜକକମିଟିତରଫରୁସୂଚନାମିଳିଛି।

# ଜ୍ୟୋତିଷଶାସ୍ତ୍ରୀ କରଶର୍ମାଙ୍କ ପରଲୋକ

**ଦଶପଲ୍ଲା,୪।୨(ଡି.ଏନ.ଏ.)**

ଦଶପଲ୍ଲା ମଧ୍ୟଖଣ୍ଡର ଜ୍ୟୋତିଷଶାସ୍ତ୍ରୀ ପଣ୍ଡିତ କରଶର୍ମାଙ୍କ ୭୪ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବୁଦ୍ଧିଜୀବୀ ତଥା କବି ଓ ସାହିତ୍ୟିକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏକାଧାରରେ ସେ ଜଣେ ଜ୍ୟୋତିଷ ବିଶାରଦ, କବି, ସାହିତ୍ୟ ସାଧକ ଭାବେ ଦଶପଲ୍ଲା ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ନୟାଗଡ଼ ଜିଲାରେ ସେ ଜଣେ ଜଣାଶୁଣା ପାଲାଗାୟକ ଥିଲେ। ତାଙ୍କ ଲେଖନୀ ନିଃସୃତ ଗୀତାଗୀତ ରସାମୃତ, ଗଣେଶ ମେଳା, ଦୁର୍ଗାସ୍ତୁତି ଏବଂ ନିଶା ମଙ୍ଗଳବାର ପ୍ରଭୃତି ପୁସ୍ତିକା ବେଶ୍ ଆଦୃତି ଲାଭ କରିଛି। ତାଙ୍କର ଏଭଳି ପ୍ରତିଭାକୁ ନେଇ ସେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଛନ୍ତି।




